# 'ହୋମ୍ ଆଣ୍ଡ ହୋପ୍'ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ






**ରାଉରକେଲା, ୪।୧୨(ସମିସ):**

ଆର୍‌ଏସ୍‌ପି ପୃଷ୍ଠପୋଷକତାରେ ପରିଚାଳିତ ଭିନ୍ନକ୍ଷମମାନଙ୍କ ଅନୁଷ୍ଠାନ ହୋମ୍ ଆଣ୍ଡ ହୋପ୍‌ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଡିସେମ୍ବର ୩ ତାରିଖ ପାଳିତ ହୋଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ହୋମ୍ ଆଣ୍ଡ ହୋପ୍ ଅଧ୍ୟକ୍ଷ ଅତନୁ ଭୌମିକ ମୁଖ୍ୟଅତିଥି ରୂପେ ଏହି ଉତ୍ସବରେ ଯୋଗଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ଭୌମିକ ସମାଜରେ ଅବଦାନ, ଦାୟିତ୍ୱ ଏବଂ ସମାନ ଅଂଶଗ୍ରହଣକାରୀ ଭାବେ ସର୍ବାଧିକ ସ୍ୱାଧୀନତା ସ୍ତର ହାସଲ କରିବାରେ ଭିନ୍ନକ୍ଷମମାନଙ୍କ ପ୍ରତି ସମ୍ବେଦନଶୀଳ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଧୁନିକ ପଦ୍ଧତିରେ ହୋମ୍ ଆଣ୍ଡ ହୋପ୍‌ର ଶିକ୍ଷକମାନଙ୍କୁ ତାଲିମ ଦେବାରେ ଆରଏସପି ଏହାର ସ୍ତର ସର୍ବୋତ୍ତମ କରିବ ଯାହା ଦ୍ୱାରା ଅନୁଷ୍ଠାନର ପିଲାମାନେ ଉନ୍ନତ ସେବା ପାଇପାରିବେ ଏବଂ ଏହା ସମସ୍ତଙ୍କ ପାଇଁ ଅଧିକ ହସ ଓ ଆଶାର ସଞ୍ଚାର କରିପାରିବ ବୋଲି ସେ ସୂଚନା ଦେଇଥିଲେ।

କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା ଏବଂ ସଶକ୍ତୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତଥା ହୋମ୍ ଆଣ୍ଡ ହୋପ୍‌ର ଉପାଧ୍ୟକ୍ଷ ତରୁଣ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ପ୍ରତି ଯତ୍ନ ଓ ସମ୍ମାନର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ରେମ ଓ ଯତ୍ନର ସହ ପ୍ରତିପୋଷଣ ନିମନ୍ତେ ଶିକ୍ଷକ ଓ ଅଭିଭାବକଙ୍କୁ ସେ ପ୍ରଶଂସା କରିଥିଲେ। ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗଦେଇ ଭିନ୍ନକ୍ଷମମାନଙ୍କ ଲୁକ୍କାୟିତ ପ୍ରତିଭା ଓ ସଫଳତାକୁ ଲୋକଲୋଚନରେ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ସୀମାଦେବ ଭୌମିକ, ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ପ୍ରଭାତୀ ମିଶ୍ର, ନମ୍ରତା ବର୍ମା, ସଂହତିର ଅନ୍ୟ କର୍ମକର୍ତ୍ତା, ପ୍ରକଳ୍ପ-ବାଣିଜ୍ୟିକ ବିଭାଗ ସିଜିଏମ ତଥା ହୋମ୍ ଆଣ୍ଡ ହୋପ୍‌ର ଯୁଗ୍ମ ସମ୍ପାଦକ ଜିଏସ ଦାସ ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ, ଅଭିଭାବକ ସଂଘ ସଦସ୍ୟ, ହୋମ୍ ଆଣ୍ଡ ହୋପ୍ ଏବଂ ଆଶାର ବହୁ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

ହୋମ୍ ଆଣ୍ଡ ହୋପ୍‌ର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ ସହ ପ୍ରଦୀପ ପ୍ରଜ୍ୱଳନ ପରେ ଉତ୍ସବର ଶୁଭାରମ୍ଭ ହୋଇଥିଲା। ସଫଳତା ଓ ବିବିଧ କାର୍ଯ୍ୟକଳାପ ନିମନ୍ତେ ଅତିଥିମାନେ ହୋମ୍ ଆଣ୍ଡ ହୋପ୍‌ର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ହୋମ୍ ଆଣ୍ଡ ହୋପ୍ ତଥା ଆଶାର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂର୍ବରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନୀ ସ୍ଥଳକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଅଭିଭାବକ ସଂଘ ସଭାପତି ଡ. ସଦାଶିବ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅର୍ଥ ବିଭାଗ ସିନିୟର ମ୍ୟାନେଜର ତଥା ହୋମ୍ ଆଣ୍ଡ ହୋପ୍‌ର କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସକାଳେ ଭଞ୍ଜଭବନଠାରେ ଆରଏସପିର କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଏକ ଶୋଭାଯାତ୍ରାକୁ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆରଏସପିର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ଶ୍ରୀ ମିଶ୍ର, ହୋମ୍ ଆଣ୍ଡ ହୋପ୍ ପରିସରରେ ପତାକା ଉତ୍ତୋଳନ କରିଥିଲେ।

## 'ବସ୍ତି ବାସିନ୍ଦାଙ୍କ ବିକାଶ ଅଭିଯାନର ମୂଳ ଲକ୍ଷ୍ୟ'



**ରାଉରକେଲା, ୪।୧୨(ସମିସ):** ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଦୀର୍ଘ ମାସ ଧରି ଜାରି ରହିଥିବା 'ଆସ ଆମେ ବସ୍ତିକୁ ଯିବା' ଅଭିଯାନ କ୍ରମଶଃ ସଫଳ ହେବାରେ ଲାଗିଛି। ଏହି କ୍ରମରେ ରବିବାର ସେ ସାରନଗରୀ ନିକଟ ସାଇବାବା ବସ୍ତିକୁ ଗସ୍ତ କରି ସ୍ଥାନୀୟ ଅଧିବାସୀଙ୍କ ସରକାରୀ ଯୋଜନାର ଭୂମିକା ନେଇ ଅବଗତ କରିଥିଲେ। ଏହି ଅବସରରେ ସେ ଘରକୁ ଘର ବୁଲି ଯୋଜନାର କାର୍ଯ୍ୟକାରିତା ଏବଂ ଏହାର ସଫଳତା ନେଇ ଉପସ୍ଥିତ ମହିଳା ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ସୁବିଧା କିଭଳି ଏହି ବସ୍ତିରେ କାର୍ଯ୍ୟକାରୀ ହୋଇଛି ସେ ନେଇ ପଚାରି ବୁଝିଥିଲେ। ସରକାରୀ ସହାୟତା ଲୋକଙ୍କ ନିକଟରେ ସଠିକ ଭାବେ ଏବଂ ଉପଯୁକ୍ତ ସମୟରେ ପହଞ୍ଚିପାରୁଛି ନା ନାହିଁ ସେ ସମ୍ପର୍କରେ ଜାଣିବାକୁ ପ୍ରଶାନ୍ତ ଆଗ୍ରହ ବ୍ୟକ୍ତ କରିଥିଲେ। ଉପସ୍ଥିତ ମହିଳା ଅଭିଯୋଗ କରି କହିଥିଲେ ଯେ ଦୀର୍ଘ ମାସ ହେବ ପାଣି ପାଇପ ବିଛା ଯାଇଥିଲେ ହେଁ ଆଜିପର୍ଯ୍ୟନ୍ତ ପାଣି ଆସି ନାହିଁ। ଅଭିଯୋଗ ସତ୍ତ୍ୱେ ଗଳି ରାସ୍ତା ମରାମତି କିମ୍ବା କଂକ୍ରିଟ କରାଯାଉନି। ଫଳରେ ବର୍ଷାଦିନେ ବସ୍ତି ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ ଅଭାବରୁ ଅନେକ ଘରେ ପାଣି ପଶୁଛି। ଏ ଦିଗରେ ପଦକ୍ଷେପ ନେବାକୁ ମହିଳା ଗୋଷ୍ଠୀ ପ୍ରଶାନ୍ତଙ୍କୁ ନିବେଦନ କରିଥିଲେ। ଅପରପକ୍ଷେ କିଛି ଲୋକଙ୍କୁ ଭତ୍ତା ସହଯୋଗ ପାଇଁ ମଧ୍ୟ ବସ୍ତି ବାସିନ୍ଦା ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପରୋକ୍ତ ସମସ୍ତ ସମସ୍ୟା ଶୁଣିବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଯଥା ସମ୍ଭବ ସମାଧାନ କରିବାକୁ ପ୍ରଶାନ୍ତ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ କେଶୁଆ, ଅମିତ କୁମ୍ଭାର, ସୁନିତ କୁମ୍ଭାର, ସନାତନ ତନ୍ତୀ, ତନ୍ମୟ ସେଠୀ, ମନୋଜ ନାୟକ, ନିଲୁ ସେଠୀ, ପ୍ରତାପ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ




**ରାଉରକେଲା, ୪।୧୨(ସମିସ):** ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ପାଳନ ଅବସରରେ ସେକ୍ଟର-୭ସ୍ଥିତ ସଂସଦ ଭବନରେ ଆଲୋଚନାଚକ୍ର ଏବଂ ବ୍ୟଙ୍ଗକବି ଫତୁରାନନ୍ଦଙ୍କ ସ୍ମୃତିରେ ଏକ ମନୋଜ୍ଞ ବ୍ୟଙ୍ଗ କବିତା ଆସର ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଅତିଥି ଏବଂ କର୍ମକର୍ତ୍ତାମାନେ ଫତୁରାନନ୍ଦଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ପଣ୍ଡିତ ନିଶିକାନ୍ତ ମିଶ୍ର ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ସଂସଦର ପୁରାତନ ସଦସ୍ୟ ଅନୀଲ ଦାଶଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଗୁରୁତର ଅସୁସ୍ଥ ବରିଷ୍ଠ ସଦସ୍ୟ ଜଳଧର ପ୍ରଧାନଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରାଯାଇଥିଲା।

ମୁଖ୍ୟଅତିଥି ଭାବେ ବାସନ୍ତୀ ପାଠାଗାରର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ଯୋଗଦେଇ ବ୍ୟଙ୍ଗ ସାହିତ୍ୟର ଉପାଦେୟତା ଏବଂ ସମାଜ ସୁଧାର ପାଇଁ ଏହାର ଆବଶ୍ୟକତା ଉପରେ ଆଲୋକପାତ କରି ଇସ୍ପାତ ସାହିତ୍ୟ ସଂସଦର ସାହିତ୍ୟ-ସଂସ୍କୃତି ପ୍ରତି ପ୍ରତିବଦ୍ଧତାର ଭୂୟସୀ ପ୍ରଶଂସା କରିଥିଲେ। ସଂସଦର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ହରମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଇସ୍ପାତ ସାହିତ୍ୟ ସଂସଦ ପ୍ରତିଷ୍ଠାର ଇତିହାସ ଓ କ୍ରମବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସାଧାରଣ ସମ୍ପାଦକ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟା କିଶୋରୀ ଦାଶ ଗଙ୍ଗାଧର ମେହେର କଲେଜରେ ଉଚ୍ଚତର ଗବେଷଣା ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ଦେଇ ନିଜ ମହାନୁଭବତା ପ୍ରଦର୍ଶନ କରିଥିବାରୁ ସଂସଦ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟ ବ୍ୟଙ୍ଗ କବିତା ଆସରରେ ବ୍ୟଙ୍ଗକବି ବ୍ରଜବିହାରୀ ଦାଶଙ୍କ ଅଧ୍ୟକ୍ଷତାରେ ଉର୍ବଶୀ ଦାଶ ଏବଂ ଅଜୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଚିତ୍ତରଞ୍ଜନ ବ୍ରହ୍ମା, ସତ୍ୟବ୍ରତ ଦାସ, ଡଲିରାଣୀ ବ୍ରହ୍ମା, ନିଶିକାନ୍ତ ମିଶ୍ର, ଉର୍ବଶୀ ଦାଶ, ଉପେନ୍ଦ୍ର ବସ୍ତିଆ, ସୁକାନ୍ତି ନାୟକ, ନୃସିଂହ ଚରଣ ବିଶ୍ୱାଳ, ସୁବାସ ମହାପାତ୍ର, ପୁଲିନ ରାଉତରାୟ, ସାଗର ମହାନ୍ତି, ସୁନୀତା ସାହୁ, ଗୌତମ ଦାସ, ହରମୋହନ ମିଶ୍ର, ବ୍ରଜବିହାରୀ ଦାଶ ଏବଂ ଅଜୟ ମହାନ୍ତି ପ୍ରମୁଖ ବ୍ୟଙ୍ଗ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୁ ନାୟକ, ଲକ୍ଷ୍ମଣନାଥ ଦାସ, ଗୀତାରାଣୀ ବେହେରା, ଜ୍ଞାନେନ୍ଦ୍ର ସାହୁ, ଅର୍ଚ୍ଚନା ପାତ୍ର, ସଞ୍ଜୀବ ଭୋଇ, ସୁସ୍ମିତା ପ୍ରଧାନ, କୁଞ୍ଜବିହାରୀ ରାଉତ, ମୀନକେତନ ପଶାୟତ, କନକଲତା ମିଶ୍ର ଏବଂ ଈଶ୍ୱର ନାୟକଙ୍କ ସମେତ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସୃଜନୀ ସାହିତ୍ୟ ସଂସଦର ଶୀତ ଆସର

**ରାଉରକେଲା, ୪।୧୨(ସମିସ):** ରାଉରକେଲାର ଜଣାଶୁଣା ସାହିତ୍ୟାନୁଷ୍ଠାନ ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ରବିବାର ଏକ ଆଲୋଚନାଚକ୍ର ଏବଂ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ସଚ୍ଚିନ୍ଦ୍ର କୁମାର ସ୍ୱାଇଁ ଅଧ୍ୟକ୍ଷତା କରି ଆଲୋଚନାର ବିଷୟବସ୍ତୁ ଉପରେ ମତ ଲୋଡ଼ିଥିଲେ। ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଆୟୋଜନ ପାଇଁ ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ବେଣୁଧର ମଲ୍ଲ, ସନାତନ ବେହେରା, ରାଜକିଶୋର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ବାର୍ଷିକ ଉତ୍ସବ କିପରି ଶୃଙ୍ଖଳିତ ଏବଂ ସମାରୋହରେ ପାଳିତ ହେବ ସେ ନେଇ ସମସ୍ତ କର୍ମକର୍ତ୍ତା ସୁଚିନ୍ତିତ ମତାମତ ଦେଇଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ପଣ୍ଡିତ ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ଶୀତର ମନୋରମ ଦୃଶ୍ୟ ଏବଂ ଉପକାର ଅପକାରକୁ ନେଇ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରପ୍ରିୟା ସାମଲ, ଆରତୀ ବେହେରା, ଅଭୟ କୁମାର ସାହୁ, ଅଭିମନ୍ୟୁ ବେହେରା, ଭାଗୀରଥି ଦାସ, ମୀରା ମଲ୍ଲିକ, ନମିତା ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅଭୟ ସାହୁ ଧନ୍ୟବାଦ ଦେଇଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ






**ରାଉରକେଲା, ୪।୧୨(ସମିସ):** ସ୍ଥାନୀୟ ସେକ୍ଟର-୨୦ସ୍ଥିତ ଉତ୍କଳଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହାୟତାରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅଧୀନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ମଞ୍ଜୁଲତା ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧାପକ ଡ. ସମର ମୁଦାଲି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଯୁବଶକ୍ତି ହେଉଛନ୍ତି ଦେଶର ମେରୁଦଣ୍ଡ। ଛାତ୍ର ସମାଜ ସମାଜର ଜାଗ୍ରତ ପ୍ରହରୀ। ଶିକ୍ଷାର ଉଦ୍ଦେଶ୍ୟ ଦେଶ ଗଠନ କରିବା। ଏହା ସହ ଛାତ୍ରଛାତ୍ରୀମାନଙ୍କୁ ଭଲମଣିଷ ହେବାପାଇଁ ସେ ଉପଦେଶ ଦେଇଥିଲେ।

ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନାଟକ ଜୀବନର ଏକ ଅଙ୍ଗ ତଥା ଏହା ଅବସାଦ ଦୂର କରିବାରେ ପ୍ରମୁଖ ଭୂମିକା ରହିଛି ବୋଲି ମତ ରଖିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବ୍ରଜେଶ ଚନ୍ଦ୍ର ପାଠକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଯୁବଶକ୍ତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ବିକାଶ କରିବା ପାଇଁ ଉଦ୍ୟମ କରିବା ଦରକାର ବୋଲି ବକ୍ତବ୍ୟ ରଖିଥିଲେ।

ପ୍ରାରମ୍ଭରେ ଅଧ୍ୟକ୍ଷା ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ, ଫେସନ ଶୋ' ପ୍ରତିଯୋଗିତା ସହ ନାଟକ 'ନିରୋଗ ରହିବାର ବାଟ ଓ ନାରୀ ଜାଗରଣ' ପ୍ରଦର୍ଶନ କରାଯାଇଥିଲା।

# ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ଠିକା ଶ୍ରମିକ ପୁରସ୍କୃତ




**ରାଉରକେଲା, ୪।୧୨(ସମିସ):** ଆର୍‌ଏସ୍‌ପି ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ କାର୍ଯ୍ୟରତ ୨ ଦଳର ୧୯ ଜଣ ଠିକା ଶ୍ରମିକଙ୍କୁ ବିଭାଗୀୟ ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟି ଆଣ୍ଡ ଆରଏମ୍ ବିଭାଗ ଜିଏମ ଇନ୍-ଚାର୍ଜ ହୀରାଲାଲ ମହାପାତ୍ର ଅଧ୍ୟକ୍ଷତା କରି ମେସର୍ସ ଲିଫ୍ଟ ଏବଂ ସିଫ୍ଟ ଏବଂ ମେସର୍ସ ଡିଏମ୍ ଏଣ୍ଟରପ୍ରାଇଜେସ୍‌ର ଠିକା ଶ୍ରମିକଙ୍କୁ କାର୍ମିକ ସିଏଲସି ବିଭାଗର ସିନିୟର ମ୍ୟାନେଜର ଏସ୍‌ଏମ ସିନ୍ଦୂର ଓ ଟିଏଣ୍ଡ ଆରଏମ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ମହାପାତ୍ର ଠିକା ଶ୍ରମିକମାନଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ଯାହା କମ୍ପାନୀକୁ ଉଭୟ ଉତ୍ପାଦନ ଏବଂ କାର୍ଯ୍ୟ ସମ୍ପାଦନ ଦିଗରେ ସାହାଯ୍ୟ କରିଛି। କମ୍ପାନୀର ଉନ୍ନତି ନିମନ୍ତେ ଉତ୍ତମ କାର୍ଯ୍ୟ ଜାରି ରଖିବାକୁ ସେ ସେମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ଏସଏମ ସିନ୍ଦୂର, ଉକ୍ତ ପୁରସ୍କାର ଯୋଜନା ବିଷୟରେ ସଂକ୍ଷିପ୍ତରେ ବର୍ଣ୍ଣନା କରିବା ସହ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସୂଚନାଯୋଗ୍ୟ, ଠିକା ଶ୍ରମିକଙ୍କର ଏକ ଦଳ ଟର୍ପେଡୋ ଲାଡେଲ କାର-୧୦ର ବ୍ଲାଷ୍ଟ ଫର୍ଣ୍ଣେସ ନିକଟ ହଟ ମେଟାଲ କଣ୍ଟ୍ରୋଲ ପଏଣ୍ଟକୁ ସ୍ୱଳ୍ପ ସମୟ ମଧ୍ୟରେ ମଧ୍ୟରାତ୍ରିର ପ୍ରବଳ ବର୍ଷା ସତ୍ତ୍ୱେ ବଦଳାଇବା ଏବଂ ପୁନଃ ରେଲମେଣ୍ଟ କାର୍ଯ୍ୟ ପାଇଁ ଠିକା ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଠିକା ଶ୍ରମିକଙ୍କ ଅନ୍ୟ ଏକ ଦଳ ଟର୍ପେଡୋ ଲାଡେଲ କାର-୮ ବ୍ଲାଷ୍ଟ ଫର୍ଣ୍ଣେସରେ-୫ ସାଉଥ ଟ୍ରାକ ୧ ଏବଂ ୨ ଫ୍ରଣ୍ଟକୁ ବଦଳାଇବା ଏବଂ ପୁନ-ରେଲମେଣ୍ଟ କାର୍ଯ୍ୟ କମ ସମୟ ମଧ୍ୟରେ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟି ଆଣ୍ଡ ଆରଏମ୍ ବିଭାଗ ଏଜିଏମ୍ ଏମସି ସଂଯୋଜନା କରିଥିଲେ।

# ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



**ରାଉରକେଲା, ୪।୧୨(ସମିସ):**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନାରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ନଭେମ୍ବର ୧୫ରୁ ଚାଲିଥିବା ବିଭିନ୍ନ ପର୍ଯ୍ୟାୟ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ ବେହେରାଙ୍କ ମାର୍ଗଦର୍ଶନ ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ମାୟାଧର ବାରିକ ଏବଂ ଅଜୟ ବେହେରାଙ୍କ ନେତୃତ୍ୱରେ ଗତ ତିନି ସପ୍ତାହ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶେଷ ପର୍ଯ୍ୟାୟରେ ସମାଜସେବା କାର୍ଯ୍ୟକ୍ରମ ଅନ୍ତର୍ଗତ 'ଭଲ ସ୍ପର୍ଶ ଓ ମନ୍ଦ ସ୍ପର୍ଶ' ଶୀର୍ଷକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ସମାଜସେବା କାର୍ଯ୍ୟକ୍ରମର ସ୍ନାତକ ଓ ସ୍ନାତକୋତ୍ତର ବର୍ଗ ପାଇଁ ସଂଯୋଜିକା ତଥା ଅଧ୍ୟାପିକା ରାମେଶ୍ୱରୀ ଭୋଇଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ପାନପୋଷ ଉଚ୍ଚ ବିଦ୍ୟାଳୟ ଏବଂ ସିଭିଲ ଟାଉନସିପସ୍ଥିତ ଶ୍ରୀ ସାଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଭ୍ରମଣ କରିଥିଲେ। ଏହି ଅବସରରେ ଡ. ସ୍ମୃତିସ୍ନିଗ୍ଧା ମିଶ୍ର, ଡ. ବିଶ୍ୱନାଥ ପରିଡାଙ୍କ ସମେତ ଛାତ୍ର ସ୍ୱେଚ୍ଛାସେବୀ ବିଶ୍ୱଜିତ ପଲେଇ, ସଲିତ କୁମାର ପତି, ପୁନିତ ଦାସ, ପୂଜାରାଣୀ ବିହାରୀ ଓ ଶ୍ରୀୟା ନାୟକ ପ୍ରମୁଖ ଛୋଟ ପିଲାମାନଙ୍କ ସହିତ କିଛି ସମୟ ବିତାଇଥିଲେ। ଏହା ସହିତ ପିଲାମାନଙ୍କୁ 'ଭଲ ସ୍ପର୍ଶ ଓ ମନ୍ଦ ସ୍ପର୍ଶ' ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ସେହିଭଳି ଯୁକ୍ତଦୁଇ ବର୍ଗ ପାଇଁ ସଂଯୋଜିକା ଅଧ୍ୟାପିକା ମମତା ବାକ୍ସଲାଙ୍କ ସଂଯୋଜନାରେ ସ୍ୱେଚ୍ଛାସେବୀ ଛାତ୍ର ପୃଥ୍ୱୀ ସ ଏବଂ ଅଙ୍କିତ ମହାକୁଲ ପ୍ରମୁଖ ରଘୁନାଥପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭ୍ରମଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉଭୟ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏବଂ ଅଧ୍ୟାପିକା ନମିତା ସ୍ୱାଇଁ ଓ ଅଧ୍ୟାପକ ଶୁଭନାଥ ସା ପ୍ରମୁଖ 'ଭଲ ସ୍ପର୍ଶ ଓ ମନ୍ଦ ସ୍ପର୍ଶ' ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ଛୋଟ ପିଲାମାନେ ଅଜଣା ଓ ଅପରିଚିତ ବ୍ୟକ୍ତିମାନଙ୍କ ସ୍ପର୍ଶ ସମ୍ପର୍କରେ ସଚେତନ ହେବା ନିମନ୍ତେ ଏହି ଅବସରରେ ସଚେତନ କରାଯାଇଥିଲା। ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ନୂତନ ମତଦାତା ପଞ୍ଜୀକରଣ କାର୍ଯ୍ୟକ୍ରମ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ସହ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

# ନାଳ ସଫେଇ ପାଇଁ କଲୋନୀ ନାଗରିକ ମଞ୍ଚର ଦାବି

**ରାଉରକେଲା, ୪।୧୨(ସମିସ):** ଦୀର୍ଘଦିନ ଧରି ଜାମ୍ ହୋଇ ପଡ଼ିରହିଥିବା ନାଳ ସଫା କରିବା ପାଇଁ ଛେଣ୍ଡ କଲୋନୀ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଛେଣ୍ଡ କଲୋନୀର ସି-୨ ଏଲ-୧ ଛକ ନିକଟରେ ବାସ କରୁଥିବା ମହିଳାମାନେ ଉକ୍ତ ଅଞ୍ଚଳର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ପୂର୍ବରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଗୁହାରି କରି ବିଫଳ ହେବା ପରେ ସୋମବାର ରାଉରକେଲା ମହାନଗର ନିଗମ ଉପାୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ପ୍ରଦାନ କରିବା ସହ ତୁରନ୍ତ ନାଳ ସଫା କରିବାକୁ ଦାବି କରିଛନ୍ତି। ଦୀର୍ଘ ମାସ ହେଲା ସି-୨ଏଲ-୨-୬୫ରୁ ସି-୨ଏଲ-୨-୮୧ ପର୍ଯ୍ୟନ୍ତ ଘର ନିକଟ ନାଳରେ ଭରପୂର ପାଣି ଜମା ହୋଇ ପ୍ରବଳ ମଶାମାଛି ରହୁଥିବାରୁ ଲୋକେ ଏବଂ ଛୁଆମାନେ ରୋଗଗ୍ରସ୍ତ ହେଉଛନ୍ତି। ଏହି ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଶ୍ରୀ ଭୋଇ କହିଥିଲେ। ଏହି ଅବସରରେ ରେଣୁବାଳା ଜେନା, ତିଳୋତ୍ତମା ଦାସ, ବାସନ୍ତୀ ମିଶ୍ର, ବିନି ଦାସ ପ୍ରମୁଖ ଉପସ୍ଥିତ ଥିଲେ।






# ଜୀବନସାଥୀଙ୍କ କାରଖାନା ପରିଦର୍ଶନ



ରାଉରକେଲା, ୪।୧୨(ସମିସ): ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ଆରଏସପି ଦ୍ୱାରା କର୍ମଚାରୀଙ୍କ ଜୀବନସାଥୀଙ୍କ ପାଇଁ 'ପ୍ରଗତିରେ ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ନଭେମ୍ବର ୨୫ ତାରିଖ ମିଲ ଓ ମେଣ୍ଟେନାନ୍ସ ଅଞ୍ଚଳର ୧୫ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ନୂତନ ପ୍ଲେଟ ମିଲ, ବ୍ଲାଷ୍ଟ ଫର୍ଣ୍ଣେସ-୫, କଞ୍ଚାମାଲ ପ୍ରବନ୍ଧନ ବିଭାଗ ଏବଂ ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗ ଗସ୍ତରେ ନିଆଯାଇଥିଲା। ନୂତନ ପ୍ଲେଟ ମିଲ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଏତୁଆ ଓରାମ ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ଯ୍ୟ କାର୍ମିକ ବିଭାଗ ଜିଏମ୍ ଇନ୍-ଚାର୍ଜ ଧୀରେନ୍ଦ୍ର ମିଶ୍ର, ଡିଜିଏମ ମୁକେଶ କରନ ଏବଂ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ସେହିଭଳି ନଭେମ୍ବର ୨୯ ତାରିଖ ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗର ୧୪ କର୍ମଚାରୀଙ୍କ ସହଧର୍ମିଣୀ ଷ୍ଟିଲ ମେଲ୍ଟିଂ ସପ-୨, ବ୍ଲାଷ୍ଟ ଫର୍ଣ୍ଣେସ-୫ ଏବଂ ନୂତନ ପ୍ଲେଟ ମିଲ ବିଭାଗ ପରିଦର୍ଶନ କରିଥିଲେ। ଏସଏମଏସ-୨ ବିଭାଗ ସିଜିଏମ ଟିପି ଶିବଶଙ୍କର ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ମିକ ବିଭାଗ ଏଜିଏମ ଦେବାଶିଷ ପଟ୍ଟନାୟକ ଏବଂ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଉଭୟ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ ପ୍ରାରମ୍ଭରେ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ। ସେମାନଙ୍କ ଜୀବନସାଥୀଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ନିମନ୍ତେ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଅନୁରୋଧ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲଠାରୁ ଆରମ୍ଭ କରି ଚୂଡ଼ାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ଏବଂ କାରଖାନାର ଲାଭାର୍ଜନରେ ବିଭାଗଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଅବଦାନ ବିଷୟରେ ସୂଚନା ଦିଆଯାଇଥିଲା। ସମ୍ପୃକ୍ତ କାର୍ମିକ ବିଭାଗ ଅଧିକାରୀଙ୍କ ଦ୍ୱାରା ବିଭାଗଗୁଡ଼ିକର ସହଯୋଗରେ ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସୁନ୍ଦରଗଡ଼ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୭୩ ଅଭିଯୋଗର ତତକ୍ଷଣାତ୍ ସମାଧାନ

ସୁନ୍ଦରଗଡ଼, ୪।୧୨(ସମିସ)



ମାସର ପ୍ରଥମ ସୋମବାର ସୁନ୍ଦରଗଡ଼ ସଦର ମହକୁମାଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡା. ପରାଗ ଗଭାଲି ଯୋଗଦେଇ ଲୋକଙ୍କ ଆପତ୍ତି, ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୧୪୦ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୧୬ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଅଭିଯୋଗ ରହିଥିଲା। ୭୩ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଛି। ଏଥିରେ ୩୪ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଏବଂ ଗୋଟିଏ ଜିଲ୍ଲା ରେଡକ୍ରସରୁ ଆର୍‌ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ରାସ୍ତା ମରାମତି, ଡ୍ରେନେଜ ସମସ୍ୟା, ରାସନ୍ କାର୍ଡ, ଆବାସ, ଭତ୍ତା, ବିଦ୍ୟୁତ୍ ସମସ୍ୟା, ଜମିଜମା ମାମଲା ଆଦି ରହିଥିଲା। ଅବଶିଷ୍ଟ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ମହାଜନ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୋକାନରୁ ୨୨ ଲକ୍ଷର ମୋବାଇଲ ଚୋରି

ରାଉରକେଲା, ୪।୧୨(ସମିସ): ଏକ ମୋବାଇଲ ଦୋକାନର ଭେଣ୍ଟିଲେଟର ତାଡ଼ି ଦୁର୍ବୃତ୍ତମାନେ ୨୨ ଲକ୍ଷ ଟଙ୍କାର ମୋବାଇଲ ଚୋରି କରିନେଇଥିବା ଝିରପାଣି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାସନ୍ତୀ କଲୋନୀ ଇଏମ୍/୩୨ ଘରେ ଚନ୍ଦନ କୁମାର ଝା ରୁହନ୍ତି। ଝିରପାଣିସ୍ଥିତ ସ୍ମାର୍ଟ ବଜାର ନିକଟରେ ତାଙ୍କ ମୋବାଇଲ ଦୋକାନ ରହିଛି। ଗତ ୨ ତାରିଖ ରାତିରେ ଦୁର୍ବୃତ୍ତମାନେ ଦୋକାନ ଭେଣ୍ଟିଲେଟର ତାଡ଼ି ମୋବାଇଲ ଚୋରି କରି ଫେରାର ହୋଇଯାଇଥିଲେ। ୩ ତାରିଖ ସକାଳେ ଚନ୍ଦନ ଦୋକାନ ଖୋଲିବାକୁ ଯାଇଥିବା ବେଳେ ଚୋରି ସମ୍ପର୍କରେ ଜାଣିପାରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ବିଭିନ୍ନ କମ୍ପାନୀର ୮୫ଟି ମୋବାଇଲ ଚୋରି କରିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ଟଙ୍କା ହେବ ବୋଲି ଚନ୍ଦନ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଦୋକାନରେ ଲାଗି ଥିବା ସିସିଟିଭି ଫୁଟେଜରେ ଚୋରି ଘଟଣାର ସମସ୍ତ ଦୃଶ୍ୟ କଏଦ ହୋଇଛି। ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଚଳାଇଛି।

## ଆର୍‌ଏସ୍‌ପିରୁ ଚୋରି; ଜଣେ ଗିରଫ

ରାଉରକେଲା, ୪।୧୨(ସମିସ): ରାଉରକେଲା ଇସ୍ପାତ କାରଖାନା ପରିସରରୁ କେବଲ ଚୋରି ଅଭିଯୋଗରେ ଟାଙ୍ଗରପାଲ୍ଲୀ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କାର୍ତ୍ତିକ ରାଉତିଆ। ତାଙ୍କଠାରୁ ୩୫ କିଲୋ ଓଜନର କେବଲ ଜବତ କରାଯାଇଛି। ଜବତ କେବଲର ମୂଲ୍ୟ ୩.୫୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି।

## ଲକ୍ଷେ ଘର ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ସୁନ୍ଦରଗଡ଼, ୪।୧୨(ସମିସ): ଜିଲ୍ଲା ଲକ୍ଷେଘର ସମାଜ କେନ୍ଦ୍ରୀୟ ମହାସଂଘ ପକ୍ଷରୁ ସବଡେଗା ବ୍ଲକ ଗଇଲୋଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସମାଜସେବୀ ସ୍ୱର୍ଗତ ଶ୍ରୀଧର ବୁଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେହିପରି ସମାଜସେବୀ ସ୍ୱର୍ଗତ ଉଜ୍ଜ୍ୱଳ ତନ୍ତୀ ଓ ଭୂତପୂର୍ବ ସାଂସଦ ଗଣେଶ୍ୱର କୁସୁମଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଛି। ଜିଲ୍ଲା ଲକ୍ଷେ ଘର ସମାଜ କେନ୍ଦ୍ରୀୟ ମହାସଂଘ ସଭାପତି ଲବଣୀଧର ବାଗ, ସମ୍ପାଦକ ସୁଶୀଲ ବାଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବିଜୟ ପୋଢ଼, ବୈରାଗୀ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଡିଓ ଓ କୃଷି ଅଧିକାରୀଙ୍କୁ ଦାବିପତ୍ର

ସବଡେଗା, ୪।୧୨(ସମିସ): ସବଡେଗା ବ୍ଲକ ମହିଳା ସଂଗ୍ରାମ ସମିତି ତରଫରୁ ସୋମବାର ବିଡିଓ ଏବଂ କୃଷି ବିଭାଗ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦ୍ୱିତୀୟ ଫସଲ ନିମନ୍ତେ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷୀଙ୍କୁ ଆବଶ୍ୟକ ବିହନ ଯୋଗଇଦେବା ପାଇଁ ଦାବି କରାଯାଇଛି। ଉର୍ମି ଲିଡର ମଞ୍ଜୁପ୍ରଭା ବାର୍ଲା, ମଞ୍ଜରୀ ନାଏକ, ସରୋଜିନୀ ଓରାମ, ସଭାପତି ଉର୍ମିଳା ମାଧୁରୀ କେରକେଟାଙ୍କ ସହ ଗ୍ରାମ କମିଟି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ



ସୁନ୍ଦରଗଡ଼, ୪।୧୨(ସମିସ): ସର୍ଦ୍ଧାପାଲିସ୍ଥିତ ଯଶୋଦା ବିଷ୍ଣୁ ଡିଗ୍ରୀ କଲେଜରେ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ସମନ୍ୱିତ ଯୁବ ବିକାଶ ଉତ୍ସବ ଅନ୍ତର୍ଗତ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପକ କୁଞ୍ଜବିହାରୀ ସାହୁ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। କଲେଜ ଉପାଧ୍ୟକ୍ଷ ଜଗନ୍ନାଥ ଠାକୁର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷା ଅଞ୍ଜଳି ପଟେଲ ସ୍ୱାଗତ ଭାଷଣ ଓ ଅଧ୍ୟାପିକା କୌଶଲ୍ୟାରାଣୀ ହୋତା ଧନ୍ୟବାଦ ଦେଇଥିଲେ।

## ଏକଲବ୍ୟ ବିଦ୍ୟାଳୟରେ ପୁରାତନ ଛାତ୍ର ମହୋତ୍ସବ



ରାଉରକେଲା, ୪।୧୨(ସମିସ): ଲାଇଙ୍ଗଠାରେ ଥିବା ଏକଲବ୍ୟ ବିଦ୍ୟାଳୟର ଦଶମ ଆଲୁମନି ମିଟ୍ ଅନୁଷ୍ଠିତ ହୋଇଛି। ଉତ୍ସବରେ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପୁରାତନ ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିଲେ ମଧ୍ୟ ସମୟ ବିନିଯୋଗ ପୂର୍ବକ ସ୍ୱଳ୍ପ ଅର୍ଥଦାନରେ ଉତ୍ସବକୁ ସୁନ୍ଦର ଭାବେ ଆୟୋଜନ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସ୍ୱାଗତ କରିଥିଲେ। ଆମନ୍ତ୍ରିତ ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ପ୍ରତି ପିଲାଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ତଥା ରୋଷେୟା ମାଉସୀମାନଙ୍କୁ ଉପହାର ପ୍ରଦାନ କରିଥିଲେ। ଆଲୁମନିମାନଙ୍କ ମଧ୍ୟରେ ସଭାପତି, ଉପସଭାପତି ଚୟନ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ଶିବ ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିବା ସହ ପରିଚାଳନା କରିଥିଲେ।

# 'ନୂଆ-ଓ' ଆନୁକୂଲ୍ୟରେ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୪।୧୨(ସମିସ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ 'ନୂଆ-ଓ' ଆନୁକୂଲ୍ୟରେ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପଦଯାତ୍ରା କଲେଜଠାରୁ ବାହାରି ଆର୍‌ଆର୍‌ଆଇଟି କଲୋନୀ ଦେଇ ଆର୍‌ଏଚ୍‌ଏସ କଲୋନୀ ପର୍ଯ୍ୟନ୍ତ ଯାଇଥିଲା। ଆୟୋଜିତ ସଚେତନତା ସଭାରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସ୍ଥାନୀୟ ଅଧିବାସୀ ମିଳିତ ଉଦ୍ୟମ କଲେ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିପାରିବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପନଗରପାଳ ଲଲାଟେନ୍ଦୁ ପରିଡ଼ା ଯୋଗଦେଇ ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟଅତିଥି ମିଶ୍ର ଆର୍‌ଆର୍‌ଆଇଟି କଲୋନୀରେ ଏକ ଡଷ୍ଟବିନ ଉନ୍ମୋଚନ କରିଥିବା ବେଳେ ଆର୍‌ଏସଏଚ୍ କଲୋନୀରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସାହୁ ଆର୍‌ଏନ ଡଷ୍ଟବିନ ଉନ୍ମୋଚନ କରିଥିଲେ। ଏହି ଅବସରରେ



ଜନସାଧାରଣଙ୍କୁ କପଡ଼ାରେ ତିଆରି ହାତ ବ୍ୟାଗ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୁଇଟି ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ପୂର୍ବତନ ଅଧ୍ୟକ୍ଷ ଡ. ସୁଧୀର କୁମାର ଦାଶ, ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ନୂତନ ଖମାରୀ, ପ୍ଲାଷ୍ଟିକମୁକ୍ତ ଅଭିଯାନ ସଂଯୋଜକ ଶିବପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଏଞ୍ଜେଲିନା କିଣ୍ଡୋ, ଖେଳ ଶିକ୍ଷକ ଶଶିକାନ୍ତ ସେଠୀ, ସୁକନ୍ୟା ଦାଶଗୁପ୍ତା, ରାମାକ୍ତ ପୁଲାପ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ତାପସ ମିଶ୍ର, ସେକସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

## ୫ହଜାର ଟଙ୍କା ଲୁଟ୍ ଅଭିଯୋଗ

ବଡ଼ଗାଁ, ୪।୧୨(ସମିସ): ବଡ଼ଗାଁ ବ୍ଲକ ସହାଜବାହାଲ ପଞ୍ଚାୟତ ଶଙ୍କରାପୋଷ ରୋଡ୍‌ରେ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। କର୍ଣ୍ଣ ନାଏକ ଶଙ୍କରାପୋଷ ଗାଁର ବଡ଼ଗାଁ କୋଅପରେଟିଭ ବ୍ୟାଙ୍କରୁ ୫ ହଜାର ଟଙ୍କା ଉଠାଇ ନେଉଥିଲେ। ସେ ବିରଙ୍ଗାପଡ଼ା ଯାଏ ଏକ ଟେମ୍ପୋରେ ଯାଇଥିଲେ। ସେ ସେଠାରୁ ଚାଲି ଚାଲି ଶଙ୍କରାପୋଷ ଯାଉଥିବା ସମୟରେ ୨ ଅଚିହ୍ନା ବ୍ୟକ୍ତି ଏକ ବାଇକରେ ଆସି ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇ ନେଇଥିଲେ। ବ୍ୟାଗ୍‌ରେ ୫ ହଜାର ଟଙ୍କା ସହ ଆଧାର କାର୍ଡ ଓ ପାସବୁକ ଥିବା କର୍ଣ୍ଣ ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି।






● ପ୍ରଥମ ଇସ୍ପାତ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ନାଟକ 'ଈଶ୍ୱର ଆଲ୍ଲା ତେରୋ ନାମ୍' ମଞ୍ଚସ୍ଥ





ରାଉରକେଲା, ୪।୧୨(ସମିସ)

ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ର ଚତୁର୍ଥ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ଉପହାର ତରଫରୁ ନାଟକ 'ଈଶ୍ୱର ଆଲ୍ଲା ତେରୋ ନାମ' ମଞ୍ଚସ୍ଥ ହୋଇଛି। ନାଟ୍ୟକାର ସୂର୍ଯ୍ୟକାନ୍ତ ସାହୁଙ୍କ ରଚନା ଓ ସୂର୍ଯ୍ୟନାରାୟଣ ଦାଶଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକ ନିଜ ସ୍ୱାର୍ଥ ପାଇଁ କିଛି ଲୋକ ଜାତି, ଧର୍ମ ମୁଖା ପିନ୍ଧି କିପରି ସମାଜକୁ କଳୁଷିତ କରିବା ପାଇଁ ଆଗେଇ ଆସନ୍ତି ତାକୁ ନେଇ ପରିବେଶିତ। ନାଟକରେ ସେହିଭଳି କିଛି ସ୍ୱାର୍ଥାନ୍ୱେଷୀ ଲୋକଙ୍କ ଗର୍ବ, ଅହଙ୍କାରର ଶିକାର ହୁଅନ୍ତି ଦୁଇଟି ନିରୀହ ଜୀବନ। ଜାତିଧର୍ମ ବିଷୟରେ କୌଣସି ଧାରଣା ନ ଥିବା ଏହି ଲୋକମାନେ ପରସ୍ପର ଭିତରେ ବାନ୍ଧିହେଇ ଏକ ନୂତନ ସମାଜ ଗଢ଼ି ତୋଳିବା ପାଇଁ ସ୍ୱପ୍ନ ଦେଖନ୍ତି। କିନ୍ତୁ ତାଙ୍କ ସ୍ୱପ୍ନ ସତ ହେବା ଆଗରୁ ସବୁକିଛି ଓଲଟ ପାଲଟ ହେଇଯାଏ। ସୀମା ଆଉ ସବନମ୍ ଦୁଇଟି ଭିନ୍ନ ଭିନ୍ନ ସମ୍ପ୍ରଦାୟର ଚରିତ୍ରକୁ ନେଇ ନାଟକ ହୋଇଥିଲା ଗତିଶୀଳ। ଦୁଇଜଣ ଭିନ୍ନ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ସାଙ୍ଗ ହୋଇ ଏକ ନୂତନ ସମାଜ ଗଢ଼ିବା ପାଇଁ ଚେଷ୍ଟା କରନ୍ତି। ହେଲେ ବଳି ପଡ଼ିଯାଆନ୍ତି ଧର୍ମ ଓ ଜାତିର ଜୁଇରେ। ଜାତି କ'ଣ ଧର୍ମ କ'ଣ ବୁଝିବା ଆଗରୁ ତାଙ୍କ ଭଲପାଇବାକୁ ପାଦତଳେ ଦଳିଚକଟି ଦିଅନ୍ତି। ଗୋଟିଏ ମନ, ଗୋଟିଏ ଜୀବନ ହେଇ ବଞ୍ଚି ଆସୁଥିବା ହିନ୍ଦୁ ସମାଜର ପୁରୋହିତ ରାମ ପଣ୍ଡା ଓ ମୁସଲିମ ସମ୍ପ୍ରଦାୟର ରହିମ ଖାଁ ପରିବାର ମଧ୍ୟରେ କଳାବାଦଲ ମାଡ଼ି ଅସେ। ଦୁଇ ବନ୍ଧୁ ନିଜ ନିଜ ସ୍ୱାର୍ଥ ପାଇଁ ବର୍ଷ ବର୍ଷ ଧରି ରହିଥିବା ସୁସମ୍ପର୍କ, ଭାଇଚାରା ମଝିରେ ଅବିଶ୍ୱାସର ପାଚେରି ଠିଆ କରିଦିଅନ୍ତି। ପରେ ଆରମ୍ଭ ହେଇଯାଏ ଦୁଇ ବଉଳଙ୍କ ଉପରେ ପାଶବିକ ଅତ୍ୟାଚାର। ଏପରି ଏକ ସ୍ପର୍ଶକାତର ସାମାଜିକ ନାଟକକୁ ବେଶ୍ ମନଭରି ଉପଭୋଗ କରିଥିଲେ ଭରପୂର ଦର୍ଶକ।ଏହି ନାଟକରେ ପ୍ରଳୟ ଶତପଥୀ ମଞ୍ଚସଜ୍ଜା କରିଥିବା ବେଳେ ଭାସ୍କର ପୁହାଣ ଓ ଅଜୟ ପାଣି ସଙ୍ଗୀତରେ ସହଯୋଗ କରିଥିଲେ। ସୁମିତ, ମନୋଜ, କମଳି, ରାଜଲକ୍ଷ୍ମୀ, ସ୍ନେହା, ବୀଣାପାଣି, ପ୍ରଫୁଲ୍ଲ, ସୁନୀଲ, ସନ୍ତୋଷ, ଚିନ୍ମୟ, ଅନିଲ ପ୍ରମୁଖ ଅଭିନୟ କରିଥିଲେ।

ଆଜିର ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଚାମ୍ବର ସଭାପତି ସୁନୀଲ କାୟଲ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ସାଧୁବାଦ ଦେବା ସହ ଏକତ୍ରର ସାହିତ୍ୟ ଓ ସଂସ୍କୃତି ତଥା ନାଟକ ପ୍ରତି ଥିବା ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସହର ସେବା ପ୍ରଶାସନ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ଆମ ଜୀବନର କଥା କୁହେ ବୋଲି ମତ ରଖିଥିଲେ। କୈଳାସ ଚନ୍ଦ୍ର ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଦସ୍ୟ ପ୍ରବୀର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ରାଜୀବ ପାଣି, ସମ୍ପାଦକ ସୁଦେଶ ନାୟକ, କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ, ସୁମନ ଦତ୍ତ, ପ୍ରଶାନ୍ତ ପତି, ଚନ୍ଦ୍ରଶେଖର ଶତପଥୀ, ସରୋଜ ଶଙ୍ଖୁଆ, ପ୍ରଜ୍ଞାନନ୍ଦ ମହାନ୍ତି, କନକଲତା ଦାସ, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଶରତ ଦାସ, ରମେଶ ମହାନ୍ତି, ପ୍ରଦୀପ ନାୟକ, ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭଶ୍ରୀ ଦାଶ ମଞ୍ଚ ସଂଯୋଜନା କରିଥିଲେ। କଲ୍ୟାଣୀ ଦାସ ଓ କ୍ଷୀରୋଦା ବାରିକ ସହଯୋଗ କରିଥିଲେ।


## ବିଶ୍ୱ ମୃତ୍ତିକା ଦିବସ ୨୦୨୩ ଉପଲକ୍ଷେ ବାର୍ତ୍ତା




ପ୍ରତିବର୍ଷ ଭଳି ଏ ବର୍ଷ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ଭାବେ ପାଳନ କରାଯାଉଛି। ଜୀବନ ଧାରଣ ପାଇଁ ଖାଦ୍ୟ ଉତ୍ପାଦନରେ ସୁସ୍ଥ ମୃତ୍ତିକା ଓ ଜଳର ଗୁରୁତ୍ୱର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏ ବର୍ଷର ସ୍ଲୋଗାନ ରହିଛି "ମୃତ୍ତିକା ଓ ଜଳ-ଜୀବନର ଉତ୍ସ"। ଆମ୍ଭମାନଙ୍କର ଖାଦ୍ୟର ଶତକଡ଼ା ୯୫ ଭାଗରୁ ଉର୍ଦ୍ଧ୍ୱ ମୃତ୍ତିକା ଓ ଜଳରୁ ହିଁ ସୃଷ୍ଟି। ମାତ୍ର ସଠିକ ଭାବରେ ମୃତ୍ତିକା ଓ ଜଳର ପରିଚାଳନା ନ ହେବା ଦ୍ୱାରା ମୃତ୍ତିକା କ୍ଷୟ, ଜୈବ ବିବିଧତା, ଉର୍ବରତା, ଜଳର ପରିମାଣ ଓ ଗୁଣବତ୍ତା ଆଦି ନଷ୍ଟ ହୋଇ ଖାଦ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ମୃତ୍ତିକା ପରିଚାଳନା ପ୍ରଣାଳୀ ଯଥା-ସମନ୍ୱିତ ଖାଦ୍ୟସାର ପରିଚାଳନା, ଅଳ୍ପ ଭୂମି କର୍ଷଣ, ଫସଲ ପର୍ଯ୍ୟାୟ, ଜୈବିକ ପଦାର୍ଥର ପ୍ରୟୋଗ, ଆଚ୍ଛାଦିତ ଫସଲ ଚାଷ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି, ମୃତ୍ତିକା କ୍ଷୟ ରୋକିବା ସହିତ ଭୂତଳ ଜଳର ପରିମାଣ ବୃଦ୍ଧି ପାଇ ଫସଲ ଉତ୍ପାଦନରେ ସହାୟକ ହୋଇପାରିବ। ଆମ ଜିଲ୍ଲାରେ ଥିବା ଅମ୍ଳମାଟିର ପରିଚାଳନା ଆବଶ୍ୟକତା ରହିଛି। କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ (କିରେଇ) ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ସଚେତନତା, ତାଲିମ, କ୍ଷେତ୍ର ପ୍ରଦର୍ଶନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରିଆସୁଅଛି। ଆସନ୍ତୁ ସମସ୍ତେ ମିଳିମିଶି ଜିଲ୍ଲାର ମୃତ୍ତିକା ଓ ଜଳର ସୁରକ୍ଷା କରି ଖାଦ୍ୟଶସ୍ୟ ଉତ୍ପାଦନରେ ସହାୟକ ହେବା ଓ ସୁସ୍ଥ ଜୀବନ ଯାପନ କରିବା।

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ (କିରେଇ)
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

# ଜାତୀୟସ୍ତରୀୟ ୱେବିନାର: ପ୍ରଦର୍ଶିତ ହେଲା ସାଗରପାଲିର ସଫଳ କାହାଣୀ

**ସୁନ୍ଦରଗଡ଼, ୪।୧୨(ସମିସ)**

ସେବକର ଟିମ ଲିଡର ଦିଗମ୍ବର ଉପାଧ୍ୟାୟଙ୍କ ଦ୍ୱାରା ଲିଖିତ 'ଲଣ୍ଡା ପାହାଡ଼କୁ ସବୁଜ ବନାନୀରେ ପରିଣତ କଲା ସାଗରପାଲି ବନ ସୁରକ୍ଷା ସମିତି' ଜାତୀୟ ସ୍ତରର ୱେବିନାର 'କମ୍ୟୁନିଟି କନଫରେନ୍ସ ଅନ କମନ୍ସ'ର ଦ୍ୱିତୀୟ ସଂସ୍କରଣରେ ସ୍ଥାନ ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ସାଗରପାଲି ବନ ସୁରକ୍ଷା ସମିତିର ସଫଳ କାହାଣୀ ହେଉଛି 'ଲଣ୍ଡା ପାହାଡ଼କୁ ସବୁଜ ବନାନୀରେ ପରିଣତ କଲା ସାଗରପାଲି ବନ ସୁରକ୍ଷା ସମିତି'। ଆମ ଦେଶ ଭାରତ ସହିତ ପଡ଼ୋଶୀ ଦେଶ ବାଂଲାଦେଶ ଓ ନେପାଳରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ, ବ୍ୟକ୍ତି ବିଶେଷଙ୍କ ହଜାର ସଂଖ୍ୟକ ସଫଳ କାହାଣୀ ମଧ୍ୟରୁ ସର୍ବଶ୍ରେଷ୍ଠ ୮୦ଟି ଚୟନ କରାଯାଇଥିଲା। ଯେଉଁଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଟିମ ଲିଡର ଦିଗମ୍ବର ଉପାଧ୍ୟାୟଙ୍କ ଦ୍ୱାରା ଲିଖିତ ସଫଳ କାହାଣୀ 'ଲଣ୍ଡା ପାହାଡ଼କୁ ସବୁଜ ବନାନୀରେ ପରିଣତ କଲା ସାଗରପାଲି ବନ ସୁରକ୍ଷା ସମିତି'କୁ ଚୟନ କରାଯାଇଥିଲା। ଏହି ୮୦ଟି ସଫଳତାର କାହାଣୀକୁ ଉପସ୍ଥାପନା କରିବା ନିମନ୍ତେ ଏକ ତ୍ରିଦିବସୀୟ ଜାତୀୟସ୍ତରୀୟ ୱେବିନାର ଆୟୋଜନ କରାଯାଇଛି।



ସୋମବାର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ସେବକର ଟିମ ଲିଡର ଦିଗମ୍ବର ଉପାଧ୍ୟାୟ ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ସାଗରପାଲି ବନ ସୁରକ୍ଷା ସମିତିର ସଫଳ କାହାଣୀର ବଳିଷ୍ଠ ଉପସ୍ଥାପନା କରିଥିଲେ। ୧୯୮୫ରୁ ସାଗରପାଲି ଗ୍ରାମବାସୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜଙ୍ଗଲ ସୁରକ୍ଷା ଓ ପରିଚାଳନାର ଅଭିନବ ପଦକ୍ଷେପ, ସୁନ୍ଦରଗଡ଼ ବନଖଣ୍ଡ ତରଫରୁ ଚାଲୁଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସହଯୋଗ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ନିୟମିତ ସହାୟତା ଓ ମାର୍ଗଦର୍ଶନର ଅନୁଭୂତିର ଉପସ୍ଥାପନା ସମସ୍ତଙ୍କୁ ବିମୋହିତ କରିଥିଲା। ସାଗରପାଲି ବନ ସୁରକ୍ଷା ସମିତିର ଠେଙ୍ଗାପାଳି, ମୁଠିଧାନ ବ୍ୟବସ୍ଥା, ଶ୍ରମଦାନ ମାଧ୍ୟମରେ ଚାରାରୋପଣ, ଧାନବିଲ ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା, ଜୈବବିବିଧତା ସଂରକ୍ଷଣ, ବିକଳ୍ପ ଜାଳେଣି ବ୍ୟବସ୍ଥା, ବନ୍ୟଜନ୍ତୁ ସଂରକ୍ଷଣ ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ସୁନ୍ଦରଗଡ଼ ବନଖଣ୍ଡ ସହଯୋଗରେ ଯୁଗ୍ମ ବନ ପରିଚାଳନାର ସଫଳ ଦୃଷ୍ଟାନ୍ତ ତଥା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସହାୟତା ସହ ଗୋଷ୍ଠୀ ଜଙ୍ଗଲ ପରିଚାଳନାର ମିଳିତ ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ସାଗରପାଲି ବନ ସୁରକ୍ଷା ସମିତି ତରଫରୁ ଦେବାନନ୍ଦ ମହାଲିଙ୍ଗ ଓ ଭାରତୀ ପଟେଲ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଗରପାଲି ବନସୁରକ୍ଷା ସମିତିର କର୍ମକର୍ତ୍ତାଙ୍କ ସହ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ବନପାଳ ବିନୋଦ କୁମାର ପଟ୍ଟନାୟକ, ସେବକ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ଅଧ୍ୟକ୍ଷ ଅମିୟକାନ୍ତ ନାଏକ, ବିତ୍ତ ପରିଚାଳକ ନୀଳାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ହରିପ୍ରିୟା ନାଏକ ଓ ମନୋରଞ୍ଜନ ମଲ୍ଲିକ ତଥା ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ




**ସୁନ୍ଦରଗଡ଼, ୪।୧୨(ସମିସ):** ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ବାସୁଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଲେଫ୍ରିପଡ଼ା ବିଇଓ ନୈନା କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭୂ-ବିଜ୍ଞାନ ବିଭାଗ ପ୍ରଫେସର ଡ. ହରିଦାସ ମହାନ୍ତ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ରାଷ୍ଟ୍ରୀୟ ବାଲ ବିଜ୍ଞାନ ଉପରେ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଅତିରିକ୍ତ ବିଇଓ ଚମ୍ପେଶ୍ୱର ବାଗ ଓ ସଞ୍ଜୁଲତା ବେହେରା, ଆୟୋଜକ କମିଟି ସମ୍ପାଦକ ତଥା ପ୍ରଧାନଶିକ୍ଷକ ଅରବିନ୍ଦ ପଟେଲ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଦର୍ଶନୀରେ ମୋଟ ୨୫୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ଉତ୍ସବରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଓ ଏନ୍‌ଆଇଟି ରାଉରକେଲାର ସହକାରୀ ପ୍ରଫେସର ଡ. ରାମକୃଷ୍ଣ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବିଜ୍ଞାନ ଲେଖିକା ସୁସ୍ମିତା ମହାପାତ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଡ. ସରୋଜିନୀ ସାହୁ, ବିଡିଓ ଆତସୀ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଙ୍କ ଦ୍ୱାରା କୃତୀ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସମ୍ଭାଗସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉଦ୍‌ଯାପିତ

**ସୁନ୍ଦରଗଡ଼, ୪।୧୨(ସମିସ):** ଜିଙ୍କନଗରସ୍ଥ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଚାଲିଥିବା ଭୋପାଳ ସମ୍ଭାଗସ୍ତରୀୟ ଦୁଇଦିନିଆ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉଦଯାପିତ ହୋଇଛି। ଉଦଯାପନୀ ସମାରୋହରେ ସହାୟକ ଆୟୁକ୍ତ ଲେଖରାଜ ମୀନା ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁ ବୈଜ୍ଞାନିକ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଶେଷ ସହାୟତା ପ୍ରଦାନ ହେତୁ ବିଦ୍ୟାଳୟର କର୍ତ୍ତକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଏନସିଏସସି ବିଶେଷଜ୍ଞ କେଜି ମଲ୍ଲିକାର୍ଜୁନ ବିଜ୍ଞାନର ମହତ୍ତ୍ୱ ଏବଂ ବିଜ୍ଞାନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏନସିଏସସି ଜିଲ୍ଲା ସମନ୍ୱୟକ ଚନ୍ଦ୍ରଶେଖର ସା, ଏସକେ ଚୌରାସିଆ ଏବଂ ଏସକେ ବେସନ ଦିଗଦର୍ଶନ ଦେଇଥିଲେ। ଦୁଇଜଣ ପ୍ରତିଭାଗୀ ଏବଂ ଗାଇଡ ଶିକ୍ଷକ ଯୋଗେନ୍ଦ୍ର ଖେରାଲେ ଓ ରିତା ଖାପେକର ନିଜ ଦୁଇଦିନର ଅନୁଭୂତି ବ୍ୟାଖ୍ୟା କରିଥିଲେ। ନବମ ଶ୍ରେଣୀର ଆଶିଷ ଲାକ୍ରାଙ୍କ ଦ୍ୱାରା ଜାତୀୟ ସ୍ତର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଜାତୀୟ ସ୍ତର ନିମନ୍ତେ ୮ଟି ଗବେଷଣାତ୍ମକ ପ୍ରକଳ୍ପ ଯୋଗ୍ୟ ବିବେଚିତ ହୋଇଥିଲା। ଶେଷରେ ବିଦ୍ୟାଳୟ ଅଧ୍ୟକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ଭୁପେନ୍ଦ୍ର କୁମାରଙ୍କ ତତ୍ତ୍ୱାବଧାନରେ ରିୟା ଦତ୍ତା ଓ ରାଜା ଦତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



**ସୁନ୍ଦରଗଡ଼, ୪।୧୨(ସମିସ):** ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ସମଗ୍ର ଶିକ୍ଷା ଅଭିଯାନ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏହି ଅବସରରେ ଟାଙ୍ଗରପାଲି ବ୍ଲକ ବନ୍ଧପାଲିସ୍ଥିତ 'ସାର୍ଥକ' ପରିସରରେ ଜିଲ୍ଲାର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୫ଟି ବିଭାଗରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଜିଲ୍ଲାରୁ ମୋଟ ୫୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ହାବଡ଼ା ସିଂଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭଶ୍ରୀ ପ୍ରଧାନ, ଅତିରିକ୍ତ ଚିକିତ୍ସାଧିକାରୀ ଡା. ପ୍ରକାଶ ବଳ, ଟାଙ୍ଗରପାଲି ବିଡିଓ ଶିବପ୍ରସାଦ ମୁର୍ମୁ, ସଦର ଥାନା ଅଧିକାରୀ ସୁସ୍ମିତା ଦେବତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ବାଲିଶଙ୍କରା ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ପଟେଲ, ଦେଓଙ୍କରାନ ବିଦ୍ୟାପୀଠର ରଶ୍ମି ବହାଲି ଓ ସୁନ୍ଦରଗଡ଼ ଆଦର୍ଶ ବିଦ୍ୟାଳୟର ପ୍ରିୟଙ୍କା ବେସନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡାକ୍ତର ଅନନ୍ତ ଆଚାର୍ଯ୍ୟ ସଭା ସଞ୍ଚାଳନ କରିଥିବା ବେଳେ ଜିଲ୍ଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ବିବରଣୀ ପାଠ ଓ ପ୍ରଧାନ ଶିକ୍ଷୟିତ୍ରୀ ଗୋମତୀ ପଟେଲ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନ ଶୋଭାଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲ୍ଲାପାଳ ସାହୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

## ଲାଗିଛି ଫଳକ; କାମ ହେଉନି

# ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଚୁପ୍

**ହେମଗିରି, ୪।୧୨(ସମିସ):** ପାଞ୍ଚବର୍ଷ ପୂର୍ବରୁ ଗ୍ରାମକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବାବେଳେ ଗ୍ରାମରେ ଗୋଟିଏ ମଧ୍ୟ ଶୌଚାଳୟ ନିର୍ମାଣ କରାଯାଇ ନାହିଁ। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ୧୨୦୦୦ ଟଙ୍କା ଅଟକଳରେ ତିଆରି ହେବାକୁ ଥିବା ଶୌଚାଳୟକୁ ଉତ୍କୃଷ୍ଟ ଧରଣର କରିବାପାଇଁ ତୁଲିଙ୍ଗା ଏନ୍‌ଟିପିସି କୋଇଲା ଖଣିକୁ ଅନୁରୋଧ ପରେ ୧୨୦୦୦ ଟଙ୍କା ଅନୁଗ୍ରହରାଶି ପ୍ରଦାନ କରିଥିଲେ। ହେଲେ ମଧ୍ୟ ଶୌଚାଳୟ ନିର୍ମାଣ କରାଯାଇ ନାହିଁ। କୋଇଲା ଖଣି ଯୋଗୁଁ ବାହ୍ୟ ମଳତ୍ୟାଗରେ ତଥା ଶୌଚ ପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି। ବାରମ୍ବାର ସମିତି ବୈଠକରେ ପ୍ରଶ୍ନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।




# କନିକା ଫାଣ୍ଡିରେ ଶାନ୍ତିକମିଟି ବୈଠକ



**ହେମଗିରି, ୪।୧୨(ସମିସ):** ହେମଗିରି ବ୍ଲକ କନିକା ଗ୍ରାମ ଠାରେ ଦୁଇଦିନ ପରେ ମୁସଲମାନ ସମ୍ପ୍ରଦାୟଙ୍କ ଉର୍ଷ ପର୍ବ ପାଳନ ସହ ମେଳା ଅନୁଷ୍ଠିତ ହେବ। ସୋମବାର କନିକା ଫାଣ୍ଡିରେ ଏସଡିପିଓ ସୁଧାଂଶୁ ବେହେରାଙ୍କ ଅଧ୍ୟକ୍ଷତା ଏବଂ ଥାନା ଅଧିକାରୀ ଜଗଦୀଶ ବାରାଙ୍କ ଉପସ୍ଥିତିରେ ଗ୍ରାମର ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଯୁବକଙ୍କୁ ନେଇ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ମେଳା ସମ୍ପନ୍ନ କରିବା ପାଇଁ କମିଟି ସଭ୍ୟ ତଥା ଗ୍ରାମବାସୀଙ୍କୁ ଅନୁରୋଧ ଓ ସଚେତନ କରାଯାଇଛି। ବୈଠକରେ ସରପଞ୍ଚ ଶାନ୍ତ ଧୁଆ, ସମିତି ସଭ୍ୟ ଡିସେମ୍ବର ବାଗ, ମୁରଲୀଧର ପଧାନ, ପଦ୍ମଲୋଚନ ମିଶ୍ର, ବିଭୂତି ପଣ୍ଡା, ଅବଦୁଲ ଅଜିଜ, ରାଜୁ ଅଲ୍ଲୀ, ଇସ୍ରାଏଲ, ଗୁଲାବ ଖାଁ, ଏମଡି ହକିମ୍, ଏମ୍‌ଡି ନାଇସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ଶିଶିର ନାଏକଙ୍କ ଶ୍ରାଦ୍ଧବାର୍ଷିକୀ

**ହେମଗିରି, ୪।୧୨(ସମିସ):** ହେମଗିରି ମାଟିର ମଣିଷ, ଏକାଧାରାରେ ଜଣେ ଲେଖକ, ସୁଦକ୍ଷ ଶିକ୍ଷକ। ତାଙ୍କ ଲେଖନୀରୁ 'ହେମଗିରିର ଭିତିରି କଥା' ପ୍ରସିଦ୍ଧି ଲାଭ କରି ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଥିଲେ ଗୁରୁ ଶିଶିର ନାଏକ। ଜଣେ ମେଳାପୀ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଆବାଳ ବୃଦ୍ଧବନିତା ସମସ୍ତେ ଝୁରି ହେଉଛନ୍ତି। ଶ୍ରାଦ୍ଧ ବାର୍ଷିକୀରେ ଅଞ୍ଚଳବାସୀ ତାଙ୍କ ସ୍ମୃତିଚାରଣ କରିଛନ୍ତି।



# ଡାଲମିଆ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କୁତ୍ରା, ୪।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା କଲେଜ ପରିସରରୁ ବାହାରି କୁନମୁରୁ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ ସୁନ୍ଦରଗଡ଼ ଆରଟିଓ ସୁକାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ଜୁନିଅର ରେଡକ୍ରସ କାଉନସିଲର ଯୋଗଦେଇ ନିଜ ଅଭିଭାଷଣରେ ପ୍ରାଥମିକ ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜିତ କୁମାର ପରିଜା ପୌରୋହିତ୍ୟ କରିଥିବା ବେଳେ କୁନମୁରୁ ସରପଞ୍ଚ ଏବଂ ଅଞ୍ଚଳର ଅନ୍ୟ ସରକାରୀ ପଦାଧିକାରୀ ଯୋଗଦେଇଥିଲେ। ସୋସିଆଲ କମ୍ପନେଣ୍ଟର ନୋଡାଲ ଅଫିସର ଅଞ୍ଜନା ସୁମନ ଏକ୍କା ସଭା ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେହିପରି +୨ ବିଭାଗର ଏକ ଶୋଭାଯାତ୍ରା କଲେଜ କ୍ୟାମ୍ପସରୁ ବାହାରି ଗୋମାରଡିହି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଯୋଗର କଳାକୌଶଳ ପ୍ରଦର୍ଶନ କରିବା ସହ ସୁସ୍ଥ ସମାଜ ଗଠନର ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ +୨ ସୋସିଆଲ କମ୍ପନେଣ୍ଟର ନୋଡାଲ ଅଫିସର ଚିତ୍ତରଞ୍ଜନ ପାତ୍ର ପରିଚାଳନା କରିଥିଲେ।






# ଡାଲମିଆ ଭାରତ ଫାଉଣ୍ଡେସନ୍‌ର ୧୯ତମ ଦୀକ୍ଷାକେନ୍ଦ୍ର ଶୁଭାରମ୍ଭ




**କୁତ୍ରା, ୪।୧୨(ସମିସ):** ଲାଞ୍ଜିବେର୍ଣ୍ଣାରେ କୁଶଳତା ତାଲିମ କେନ୍ଦ୍ର ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ନିମନ୍ତେ ବର୍ଷକୁ ୩୬୦ ଜଣ ଯୁବକ ଯୁବତୀଙ୍କ କୁଶଳତା ବୃଦ୍ଧି କରିବ। କୁଶଳତାର ବିକାଶ ଏବଂ ସାମାଜିକ ରୂପାନ୍ତରଣ ନିମନ୍ତେ ନିଜ ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରିବାକୁ ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ଓଡ଼ିଶାର ଲାଞ୍ଜିବେର୍ଣ୍ଣାଠାରେ ଏହାର ୧୯ତମ ଦୀକ୍ଷା (ଡାଲମିଆ ଇନ୍‌ଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ୍ ହାର୍‌ନେସିଂ) କେନ୍ଦ୍ର ଶୁଭାରମ୍ଭ କରିଛି। ପୂର୍ଣ୍ଣାଙ୍ଗ କୁଶଳତାର ତାଲିମ ଏବଂ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନରେ ବିକାଶ ଜରିଆରେ ଗ୍ରାମାଞ୍ଚଳ ଯୁବବର୍ଗଙ୍କୁ ସଶକ୍ତ କରିବା ନିମନ୍ତେ ଉତ୍ସର୍ଗୀକୃତ ନୂତନ ଦୀକ୍ଷା କେନ୍ଦ୍ର ଉକ୍ତ ଅଞ୍ଚଳର ପାରିପାର୍ଶ୍ୱିକ ୧୦୬ଟି ଗ୍ରାମକୁ ଫାଇଦା ପହଞ୍ଚାଇବା ଲକ୍ଷ୍ୟ ରଖିଛି। ବାର୍ଷିକ ୩୬୦ ଜଣ ଶିକ୍ଷାନବୀଶ କ୍ଷମତା ରଖୁଥିବା ଏହି କେନ୍ଦ୍ର ପ୍ରାକ୍ଟିକାଲ କର୍ମଶାଳା ଓ ଅଧିବେଶନ ଜରିଆରେ ବେରୋଜଗାର ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରି ବର୍ଦ୍ଧିତ ଆୟ ନିମନ୍ତେ ସେମାନଙ୍କ ଭବିଷ୍ୟତର ନିଯୁକ୍ତିବତ୍ତା ଏବଂ ଔଦ୍ୟୋଗିକ ସାମର୍ଥ୍ୟରେ ବୃଦ୍ଧି ଘଟାଇବ। ଏହି କାର୍ଯ୍ୟକ୍ରମରେ ଡିସିବିଏଲ୍ ନିର୍ବାହୀ ନିର୍ଦ୍ଦେଶକ ଚେତନ ଶ୍ରୀବାସ୍ତବ ଏବଂ ରାଜଗାଙ୍ଗପୁର ୟୁନିଟ୍ ହେଡ ଡ. ନୀଳାଦ୍ରି ଭୂଷଣ ପାଢ଼ୀ, ଏଇଡି ଡିସିବିଏଲ୍-ରାଜଗାଙ୍ଗପୁର ଓମ୍‌ପ୍ରକାଶ ଖେଲକର, ଲାଞ୍ଜିବେର୍ଣ୍ଣା ମାଇନ୍ସ ହେଡ ଜ୍ୟୋତି ପ୍ରକାଶ ସେଠୀ, ଜିଲ୍ଲା ନିୟୋଜନ ଅଧିକାରୀ (ରାଉରକେଲା) କେଶବ ଚନ୍ଦ୍ର ଝା, ଓରମାସ ଡେପୁଟି ସିଇଓ ଏବଂ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରୁ ୯ଜଣ ଗ୍ରାମ ପ୍ରଧାନ ଉପସ୍ଥିତ ଥିଲେ। ଓଡ଼ିଶାରେ ଏହା ୭ତମ ଦୀକ୍ଷା କେନ୍ଦ୍ର ଭାବରେ ସ୍ଥାପିତ ହୋଇଛି।

# ସିଆକଛାର ଡବଲ ମର୍ଡର: ଅଭିଯୁକ୍ତ ନାତିକୁ ଆଜୀବନ ଜେଲ୍

**ସୁନ୍ଦରଗଡ଼, ୪।୧୨(ସମିସ)**

ସାତ ବର୍ଷ ତଳେ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସିଆକଛାର ଗ୍ରାମରେ ସଂଘଟିତ ଡବଲ ମର୍ଡର ଘଟଣାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଅତିରିକ୍ତ ଦୌରା ଜଜ୍ ରାଜେଶ ଦାଶ ମାମଲାର ବିଚାର କରି ନିଜ ଅଜା ଓ ଆଈଙ୍କୁ ଠେଙ୍ଗାରେ ମାଡ଼ ମାରି ହତ୍ୟା କରିଥିବା ଅଭିଯୁକ୍ତ ପଦ୍ମଲୋଚନ ପ୍ରଧାନ (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡ ସ୍ୱରୂପ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ତିନି ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ସିଆକାଛର ଗ୍ରାମର ଅର୍ଜୁନ ପ୍ରଧାନଙ୍କ ତିନି ପୁଅ ଜୟଦେବ ପ୍ରଧାନ, ସହଦେବ ପ୍ରଧାନ ଓ ଶୁକଦେବ ପ୍ରଧାନ ଥିଲେ। ତେବେ ଜୟଦେବଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଜଣେ ବିବାହିତା ଝିଅ ଓ ୨ ଅବିବାହିତ ପୁଅ ପଦ୍ମଲୋଚନ ପ୍ରଧାନ ଓ ଅଭି ପ୍ରଧାନ ରହିଥିଲେ। ଜୟଦେବଙ୍କ ବିଧବା ପତ୍ନୀ ବାପ ଛେଉଣ୍ଡ ୨ ପୁଅଙ୍କୁ ନେଇ ଶଶୁର ଅର୍ଜୁନ ଓ ଶାଶୂ ଫୁଲଙ୍କ ସହ ନିଜ ଗ୍ରାମରେ ରହି ଆସୁଥିଲେ। ତେବେ ପଦ୍ମଲୋଚନ ବିଭିନ୍ନ ସମୟରେ ସାମାନ୍ୟ ଘରୋଇ କଥାକୁ କେନ୍ଦ୍ର କରି ତାଙ୍କ ଅଜା ଆଈଙ୍କ ସହ ଝଗଡ଼ା କରୁଥିଲେ। ୨୦୧୬ ଡିସେମ୍ବର ୨ ତାରିଖ ସକାଳ ପ୍ରାୟ ୬ଟାରେ ଘର ବାଡ଼ିପଟେ ଅଜା ଅର୍ଜୁନ ଓ ଆଈ ଫୁଲଙ୍କୁ ଠେଙ୍ଗାରେ ମାଡ଼ ମାରିଥିଲେ। ଅଜାଙ୍କ ମୁଣ୍ଡକୁ ବାରମ୍ବାର ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଆଈ ଗୁରୁତର ଆହତ ହୋଇଥିଲେ। ପାଟିତୁଣ୍ଡ ଶୁଣି ଅର୍ଜୁନଙ୍କ ପୁଅ ଶୁକଦେବ ଓ ବୋହୂ କମଳାଙ୍କ ସହ ପଡ଼ୋଶୀ କପିଳ ମାଝୀ ଘଟଣାସ୍ଥଳରେ ପହଞ୍ଚି ଫୁଲଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକଦେବ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତ ଦମ୍ପତିଙ୍କ ଶବ ଜବତ କରି ବ୍ୟବଚ୍ଛେଦ କରାଇଥିବା ବେଳେ ଘଟଣା ଦିନ ଅପରାହ୍ନରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷ୍ୟ ପ୍ରମାଣ ସଂଗ୍ରହ ପରେ ତଦନ୍ତ ଅଧିକାରୀ ୨୦୧୬ ଜୁଲାଇ ୨୬ ତାରିଖ ଅଦାଲତରେ ଚାର୍ଜସିଟ ଦାଖଲ କରିବା ପରେ ମାମଲା ଶୁଣାଣି ଆରମ୍ଭ ହୋଇଥିଲା। ରାଜସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତି ବଳରେ ଅଭିଯୁକ୍ତଙ୍କୁ ବିଚାରପତି ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଅଦ୍ୟାବଧି ବିଚାର ବିଭାଗୀୟ ଜେଲରେ ରହିଥିବା ବେଳେ ଏବେ ଆଜୀବନ ବନ୍ଦୀ ଜୀବନ କଟାଇବେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରଶାନ୍ତ କୁମାର ପଟେଲ ମାମଲା ପରିଚାଳନା କରୁଥିଲେ।

■ ଠିକା ସଂସ୍ଥାର ନିମ୍ନମାନର କାମ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦୁଇ ମହିଳା ସରପଞ୍ଚ



**ଫିରିଙ୍ଗିଆ, ୪।୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରୁ ମଝିପଡ଼ା, କାଶିନୀପଦର ଓ ପଲାବୃଡି ପଞ୍ଚାୟତ ଦେଇ ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ ହେଉଥିବା ରାସ୍ତା କାମ ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଅଭିଯୋଗ କରିଛନ୍ତି ଫିରିଙ୍ଗିଆ ବ୍ଲକ କାଶିନୀପଦର ସରପଞ୍ଚ ପ୍ରତିମା କହଁର ଓ ପଲାବୃଡି ସରପଞ୍ଚ ଲୀଳାବତୀ ମଲିକ। ଏନେଇ ସେମାନେ ସୋମବାର ଫୁଲବାଣୀ ଯାଇ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଦୁଇ ମହିଳା ସରପଞ୍ଚଙ୍କ ଅଭିଯୋଗ ଅନୁସାରେ କିଛି ମାସ ହେଲା ଫିରିଙ୍ଗିଆ ଠାରୁ ଗୋଛାପଡ଼ା ପର୍ଯ୍ୟନ୍ତ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ଅଧୀନରେ ରାସ୍ତା ନିର୍ମାଣ ଚାଲିଛି। ଜଣାଶୁଣା ଓ ପ୍ରତିଷ୍ଠିତ ଆରକେଡି ନାମକ ଏକ ଠିକା ସଂସ୍ଥା ଏହି କାମ କରୁଛି। ଆରମ୍ଭରୁ ସମ୍ପୃକ୍ତ ଠିକା ସଂସ୍ଥା ନିମ୍ନମାନର କାମ କରୁଥିବା ବେଳେ ଅନେକ ଜାଗାରେ କୌଣସି ସୁରକ୍ଷା ପାଚେରୀ କିମ୍ବା ଘାଟି କଟିଙ୍ଗ ନକରି କେବଳ ମେଟାଲ ଓ ପଥର ଗୁଣ୍ଡ ପକାଇ ପିଚୁ ପକାଇ କାମ ସାରି ଦେଉଛି। ଏଥିଯୋଗୁଁ ରାସ୍ତାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ବୋଲି ସେମାନେ କହିଛନ୍ତି। ବିଶେଷ କରି ଫିରିଙ୍ଗିଆ ଠାରୁ ମାଝିପଡ଼ା ଘାଟିରେ ରାସ୍ତା ଅଣଓସାରିଆ ଓ ବୁଲାଣି ଥିବାରୁ ଏହି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଘାଟି ରାସ୍ତାକୁ କାଟି ଓସାରିଆ ଏବଂ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ ଦୁଇ ସରପଞ୍ଚ ଦାବି କରିଛନ୍ତି। ଗୋଲକ ବିହାରୀ କହଁରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ପାଖରେ ଦାବି ଜଣାଇବାକୁ ସେମାନେ ଯିବା ସମୟରେ ଏହି ଦୁଇ ମହିଳା ସରପଞ୍ଚଙ୍କ ସହ କଷିନୀପଦର ନାଏବ ସରପଞ୍ଚ ରୁଷି ଦିଗାଲ, ସମିତିସଭ୍ୟଙ୍କ ପ୍ରତିନଧି ସୁଶୀଳ କହଁର ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ସ୍କୁଲରେ ତାଲା; ଫେରିଗଲେ ଛାତ୍ରଛାତ୍ରୀ

## ଶିକ୍ଷକ ଆସଲେନି କି ପିଲା ମଧ୍ୟାହ୍ନଭୋଜନ ପାଇଲେନି

**ଦାରିଙ୍ଗବାଡ଼ି, ୪।୧୨(ସମିସ)**



ସ୍କୁଲରେ ଝୁଲୁଛି ତାଲା। ଶିକ୍ଷକ ନ ଆସିବା ଯୋଗୁଁ ପିଲା ସ୍କୁଲ ଆସି ଅପେକ୍ଷା କରି ଘରକୁ ଫେରିଲେ। ପିଲାଙ୍କ ମଧ୍ୟାହ୍ନଭୋଜନ ବନ୍ଦ ରହିଲା। ଏଭଳି ଦେଖିବାକୁ ମିଳିଛି ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡ଼ିଡ୍ରବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଉକ୍ତ ସ୍କୁଲରେ ୨୧ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ହେଲେ ଶିକ୍ଷକ ଠିକ୍ ଭାବେ ସ୍କୁଲ ଆସୁ ନ ଥିବାରୁ ଅଧିକାଂଶ ସମୟ ସ୍କୁଲ ବନ୍ଦ ରହୁଛି। ଫଳରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବା ସହ ମଧ୍ୟାହ୍ନଭୋଜନ ବନ୍ଦ ରହୁଛି। ଏଭଳି ଭାବେ ସୋମବାର ଦିନ ମଧ୍ୟ ସ୍କୁଲ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ସ୍କୁଲ ବନ୍ଦ ରହିଥିବା ଯୋଗୁଁ ଛାତ୍ରଛାତ୍ରୀ ସ୍କୁଲ ଫାଟକ ବାହାରେ ବହୁ ସମୟ ଅପେକ୍ଷା କରି ରହିଥିଲେ। କେହି ଶିକ୍ଷକ ନ ଆସିବା ଫଳରେ ପିଲାମାନେ ମଧ୍ୟାହ୍ନେଭୋଜନ ନ ପାଇ ଘରକୁ ଫେରି ଯାଇଥିଲେ। ଖାଲି ଏହି ଗୋଟିଏ ଦିନ ନୁହେଁ ଅଧିକାଂଶ ସମୟ ସ୍କୁଲ ବନ୍ଦ ରହିବା ସହ ପାଠପଢ଼ା ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗୁମାମାହା ସିଆରସିସି ଦୁର୍ଯ୍ୟଧନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଜଣେ ଶିକ୍ଷକ ଟ୍ରେନିଂରେ ଯାଇଥିବା ବେଳେ ଅନ୍ୟ ଜଣେ ବିଏଲଓ କାର୍ଯ୍ୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଆଉ ଜଣେ ଶିକ୍ଷକ ସ୍କୁଲ ଯାଇଥିଲେ କି ନାହିଁ ତାହା ଜାଣିନାହିଁ ବୋଲି କହିଛନ୍ତି।

## ଅଜୀର୍ଣ୍ଣ ରୋଗ ସଚେତନା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୪।୧୨(ସମିସ):** ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ଅଜୀର୍ଣ୍ଣ ରୋଗ ସଚେତନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭରଦ୍ୱାଜ ପ୍ରତିଷ୍ଠାନର



ଅଧକ୍ଷ ଡା.ନକୁଳ ସାହୁ ଯୋଗଦେଇ ଅଜୀର୍ଣ୍ଣ ରୋଗ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସବୁ ରୋଗର କାରଣ ଅଜୀର୍ଣ୍ଣ, ଉତ୍ତମ ଜୀର୍ଣ୍ଣ ହେଲେ ରୋଗ ହୋଇନଥାଏ ବୋଲି କହିଥିଲେ। ପ୍ରତି ରୋଗ ଚିକିତ୍ସାରେ ପାଚକ ଔଷଧ ଦିଆଯାଏ। କଫ ବର୍ଦ୍ଧକ ଦହି, ଖଟା, ଗରିଷ୍ଟ ବିରି, ତେଲ ଯୁକ୍ତ ଓ ଥଣ୍ଡା ଖାଦ୍ୟ ଅଧିକ ଖାଇଲେ ଅଜୀର୍ଣ୍ଣ ହୁଏ। ଅରୁଚି, ଲାଳସ୍ରାବ, ଆଳସ୍ୟ, ପେଟ ଭାରି, କୋଷ୍ଟବଦ୍ଧ ଓ ବିରକ୍ତି ଆଦି ଲକ୍ଷଣ ପ୍ରକାଶ ପାଏ। ତେଣୁ ଏହାର ନିରାକରଣ ନିମନ୍ତେ ହରଡା, ଗୁଡ଼, ସୈନ୍ଧବ ଶୁଣ୍ଠି ସମ ପରିମାଣ ମିଶାଇ ଖାଇଲେ ବା ତୋରାଣିରେ କଳାଲୁଣ, ହିଙ୍ଗୁ ମିଶାଇ ପିଇଲେ ବା ଖାଇବା ପୂର୍ବରୁ ଅଦା ସହ ସୈନ୍ଧବ ମିଶାଇ ଖାଇଲେ ଭଲ ହୋଇଯାଏ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଡି. ଶ୍ରୀନିବାସ ରାଓ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର, ୪।୧୨(ସମିସ):** ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା କବିତା ଶତପଥିଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଯୋଗ ପ୍ରଶିକ୍ଷକ ବି .ନୀଳାକ୍ଷୀ ପରମାନନ୍ଦ ମହାରଣା ଓ ଭାର୍ଗବୀ ସୁବୁଦ୍ଧି ଯୋଗଦେଇ ଶିକ୍ଷୟତ୍ରୀ ଏବଂ ଛାତ୍ରୀମାନଙ୍କୁ ଯୋଗ ପ୍ରାଣାୟମର ଶିକ୍ଷା ଦେଇଥିଲେ। ଏହା ସହ ଯୋଗର ଉପାଦେୟତା ବିଷୟରେ କହିଥିଲେ। କାର୍ଯ୍ୟକ୍ରମକୁ ଡ. ଅଳକା ରାଣୀ ଦାଶ ସଂଯୋଜନ କରିଥିବା ବେଳେ ସିଦ୍ଧାର୍ଥ ଶଙ୍କର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ଆଶାକିରଣ ପଣ୍ଡା ଓ ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ରିଣୀ ସମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ସମେତ ଶତାଧିକ ଛାତ୍ରୀ ଯୋଗଅଭ୍ୟାସ କରିଥିଲେ।

## ସତ୍ୟାର୍ଥ ଏକ କେୟାର ହୋମ ପକ୍ଷରୁ ସ୍ୱାସ୍ଥ୍ୟ ମହାସଭା

**ବ୍ରହ୍ମପୁର, ୪।୧୨(ସମିସ):** ସ୍ଥାନୀୟ ଟାଉନ ହଲ ପରିସରରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ଅବସରରେ ସତ୍ୟାର୍ଥ ଏକ କେୟାର ହୋମ ପକ୍ଷରୁ ସ୍ୱାସ୍ଥ୍ୟ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଓ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହା ସହ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ମହାସଭାରେ ସ୍ୱାସ୍ଥ୍ୟ, ଶିକ୍ଷା



ଓ ସ୍ୱଚ୍ଛତା ଉପରେ ଆଲୋଚନା କରଯାଇଥିଲା। ଅନୁଷ୍ଠିତ ସଭାରେ ଭୁବନେଶ୍ୱର ଆମ୍ରି ହସ୍ପିଟାଲ୍ ଓ ବ୍ରହ୍ମପୁରରୁ ପାଖାପାଖି ୭ଜଣ ଡାକ୍ତର ବିଭିନ୍ନ ରୋଗ ଏବଂ ରୋଗର ଉପଚାର ଉପରେ ଆଲୋଚନା କରିଥିଲେ। ଏଠାରେ ଦିବ୍ୟାଙ୍ଗ ଶିଶୁ ଓ ସେମାନଙ୍କ ବାପା ମାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ୬ଜଣ ଶିଶୁଙ୍କୁ ସେମାନଙ୍କ ନିତ୍ୟ ଆବଶ୍ୟକ ବିଭିନ୍ନ ସାମଗ୍ରୀ ପ୍ରଦାନ କରଯାଇଥିଲା। ବିଭିନ୍ନ ଦିବ୍ୟାଙ୍ଗ ଯୁବକ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ସତ୍ୟାର୍ଥ ଏକ କେୟାର ହୋମର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ଧୀରେଶ୍ୱର ପଣ୍ଡା ସଭା ପରିଚାଳନା କରଯାଇଥିଲା। ସତ୍ୟାର୍ଥ ହେଲଥ ଏକ 'ଲେନେସ ଫାଉଣ୍ଡେସନର ନିର୍ଦ୍ଦେଶକ ଡାକ୍ତର ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀ ଏବଂ ସ୍ୱର୍ଣ୍ଣପ୍ରଭା ପଣ୍ଡାଙ୍କ ସମତେ ଅନ୍ୟ କର୍ମଚାରୀ କର୍ଯ୍ୟକ୍ରମକୁ ପରିଚାଳନା କରଯାଇଥିଲା।

# ପରିବହନ ବିଭାଗ ପକ୍ଷରୁ 'ମୃତ୍ୟୁଶୂନ୍ୟ ସପ୍ତାହ' ପାଳନ

**ବ୍ରହ୍ମପୁର, ୪।୧୨(ସମିସ):** ଦିନକୁ ଦିନ ବଢ଼ିବାରେ ଲାଗିଛି ସଡ଼କ ଦୁର୍ଘଟଣା ଓ ଏଥି ଜନିତ ମୃତାହତଙ୍କ ସଂଖ୍ୟା। ଏହାକୁ ନିୟନ୍ତ୍ରଣ କରିବାକୁ ଯାଇ ବିଭିନ୍ନ ସ୍ତରରେ ନିଆଯାଉଛି ପଦକ୍ଷେପ। ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର ଟିମ୍ ଜରିଆରେ ବିଭିନ୍ନ ସ୍ଥାନ ପରିଦର୍ଶନ ସହ ବ୍ଲାକସ୍ପଟ ଚିହ୍ନଟ କରାଯାଇ ସେହି ସଂଖ୍ୟାକୁ କିଭଳି ରୋକାଯାଇ ପାରିବ ସେଥିପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବାକୁ ତଥା ରୋକିବାକୁ ଯାଇ ରାଜ୍ୟ ପରିବହନ ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ଡିସେମ୍ବର ପହିଲାରୁ ୭ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ 'ମୃତ୍ୟୁ ଶୂନ୍ୟ ସପ୍ତାହ' ପାଳନ କରାଯାଉଛି। ଏହି କ୍ରମରେ ଭୁଲ ସ୍ଥାନରେ ପାର୍କିଂ କରିବା, ଭୁଲ ରାସ୍ତାରେ ଗାଡି ଚାଳନା, ଦ୍ରୁତ ଗତିରେ ଗାଡି ଚାଳନା, କମ୍ ବୟସ୍କଙ୍କ ଦ୍ୱାରା ଗାଡି ଚାଳନା, ମଦ୍ୟପ ଗାଡି ଚାଳନା ଓ ସ୍କୁଲ ଓ କଲେଜର ଗାଡିଗୁଡିକର ନିୟମ ଖିଲାପ କରିବା ଆଦି ବିଭିନ୍ନ ଦିଗକୁ ନେଇ ଚଢଉ ଓ ଯାଞ୍ଚ କରାଯାଉଛି। ଏହି କ୍ରମରେ ଛତ୍ରପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ



ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ କେ.ଭେଙ୍କେଟେଶ, ଏମଭିଆଇ ରତିକାନ୍ତ ନାୟକ ଓ

● ପରିବହନ ଓ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କଡ଼ାକଡ଼ି
● ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ ସପ୍ତାହ ପାଳନ

ଟ୍ରାଫିକ ଇନ୍ସପେକ୍ଟର ଏନ.କେ. ଚିନ୍ନାରାଙ୍କ ନେତୃତ୍ୱରେ ଛତ୍ରପୁର, ବ୍ରହ୍ମପୁର ଓ ଗୋପାଳପୁର ସମେତ ବିଭିନ୍ନ ସ୍ଥାନରେ ଉଭୟ ସହରାଞ୍ଚଳ ଓ ଜାତୀୟ ରାଜପଥରେ ଯାଞ୍ଚ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ସପ୍ତାହର ତୃତୀୟ ଦିନରେ ରବିବାର ହେଲମେଟ ଚେକିଂ, ରଙ୍ଗ ପାର୍କିଂ, ରଙ୍ଗ ଡ୍ରାଇଭିଂ ଓ ଦ୍ରୁତଗତିରେ ଗାଡି ଚାଳନାକୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେହିଭଳି ସପ୍ତାହ ପାଳନର ୪ର୍ଥ ଦିନରେ ଅର୍ଥାତ୍ ସୋମବର ବିଭିନ୍ନ ସ୍ଥାନରେ କମ୍ ବୟସ୍କଙ୍କ ଦ୍ୱାରା ଗାଡିଚାଳନା ସହିତ ସ୍କୁଲ ଓ କଲେଜ ଭଳି ଶିକ୍ଷାନୁଷ୍ଠାନର ଗାଡିଗୁଡିକର ଯାଞ୍ଚ କରି ଜରିମାନା ଆଦାୟ କରାଯାଇଥିଲା। ଯାଞ୍ଚ ବେଳେ ଛାତ୍ରଛାତ୍ରୀଙ୍କୁ ନେଇ ପରିବହନ କରୁଥିବା ଅନେକ ସ୍କୁଲ ଓ କଲେଜର ଗାଡିର ପରମିଟ ନବୀକରଣ ହୋଇନଥିବା ଓ ପଲ୍ୟୁସନ ସାର୍ଟିଫିକେଟ ନଥିବା ଦେଖିବାକୁ ମିଳିଥିଲା। ସେହିଭଳି ଓଭର ଲୋଡିଂ ସହିତ ଜରୁରିକାଳୀନ ଫାଟକ ନଥିବା ବେଳେ କେତେକ ଗାଡିରେ ସ୍କୁଲର ନାମ ଲେଖା ହୋଇନଥିବା ଦେଖିବାକୁ ମିଳିଥିଲା। ଏଭଳି ଗାଡିଗୁଡିକ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଥିଲା। ସେହିଭଳି ବିନା ହେଲମେଟ ଓ ବିନା ଡ୍ରାଇଭିଂ ଲାଇସେନ୍ସରେ କମ୍ ବୟସ୍କ ପିଲାମାନେ ଗାଡି ଚଳାଉଥିବା ବେଳେ ଧରାପଡ଼ି ଜରିମାନା ଦେଇଥିଲେ। ଏହି କ୍ରମରେ ମଙ୍ଗଳବାର ସପ୍ତାହ ପାଳନର ୫ମ ଦିନରେ ବସ ଓ ଟ୍ରକ ଭଳି ଭାରୀଯାନ ଗୁଡିକର ଚାଳକ ବା ଡ୍ରାଇଭରମାନଙ୍କୁ ସଚେତନ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସେପଟେ ଉଭୟ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ସନ୍ଧ୍ୟା ସମୟରେ ମଦ୍ୟପ ଚାଳକଙ୍କର ଯାଞ୍ଚ କରାଯିବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଥିବା ଛତ୍ରପୁର ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ଭାରତୀୟ ନୌସେନା ଦିବସ ପାଳିତ

**ରମ୍ଭା, ୪।୧୨(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ନୌସେନା ଦିବସ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଓ ସମର ଶିକ୍ଷାର୍ଥୀ ବାହିନୀ ଶିକ୍ଷକ ଅଜିତ କୁମାର ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶ୍ରୀୟା ଦେବୀ ସ୍ୱାଇଁ ପରିଚାଳନା କରିଥିଲେ ଏବଂ ଛାତ୍ର ମାନଙ୍କୁ ନୌସେନା ଦିବସ ଉପରେ ସମ୍ୟକ ସୂଚନା ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷକ ଜଗବନ୍ଧୁ ପ୍ରଧାନ, ରଜତ କୁମାର ପାଢ଼ୀ, ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡ଼ା, ରୋଜାଲିନ ମହାପାତ୍ର, ରାମିତ୍ରି ଶବର, ସୁଶ୍ରୀ ଜ୍ୟୋତିର୍ମୟୀ ବେହେରା, ଅନିତା ଜେନା, ଗୁଣମଣୀ ବେହେରା, ମଧୁସୂଦନ ସାହୁ, କୃଷ୍ଣଚନ୍ଦ୍ର ବାଡ଼ତ୍ୟା ଓ ରମେଶ ଚନ୍ଦ୍ର ନାୟକ ସହଯୋଗ କରିଥିଲେ। ଏହି ଦିବସରେ ଅଜିତ ସାରଙ୍କ ସହ ୫୦ ଜଣ ଏନସିସି ଛାତ୍ର ରମ୍ଭା ଚିଲିକାରେ ନୌବିହାର କରିଥିଲେ। ଏଥିସହ ବିଦ୍ୟାଳୟରେ ସଫେଇ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ସଚ୍ଚିଦାନନ୍ଦ ପତି, ଚିତ୍ରାଙ୍କନରେ ଓମ ପ୍ରକାଶ ବେହେରା ଓ ବକ୍ତୃତା ପ୍ରତିଯୋଗିତାରେ ଶ୍ରୀତମ ବେହେରା କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ।

## ଚାଷୀଙ୍କ ଚିନ୍ତା ବଢ଼ାଉଛି ସାମୁଦ୍ରିକ ବାତ୍ୟା

**ଫିରିଙ୍ଗିଆ, ୪।୧୨(ସମିସ):** ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଉଠିଥିବା ସାମୁଦ୍ରିକ ବାତ୍ୟା 'ମିଚୌଙ୍ଗ' ବର୍ତ୍ତମାନ ଚାଷୀଙ୍କ ଚିନ୍ତାର କାରଣ ହୋଇଛି। ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ପ୍ରକାରେ ଏହି ବାତ୍ୟା ଫଳରେ ୮୦ରୁ ୯୦କିଲୋମିଟର ବେଗରେ ପବନ ବହିବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କନ୍ଧମାଳ ଜିଲ୍ଲାରେ ବର୍ତ୍ତମାନ ଧାନ ଅମଳର ସମୟ ଚାଲିଥିବା ବେଳେ ଫିରିଙ୍ଗିଆ ବ୍ଲକର ଅଧିକାଂଶ ବିଲରୁ ଧାନ ଉଠିନି। କିଛି ଚାଷୀ ଏଯାଏ ଧାନ କଟା କାମ ସାରି ନ ଥିବା ବେଳେ ଅନେକ ଚାଷୀଙ୍କ ବିଲରେ କଟା ଧାନ ପଡ଼ିରହିଛି। ବାତ୍ୟା ଆସୁଥିବା ଜାଣି ଫିରିଙ୍ଗିଆ ଅଞ୍ଚଳର ଚାଷୀ ତରବରିଆ ଭାବେ ବିଲରେ ଥିବା ଧାନକୁ ଖଳାକୁ ଘେନି ଆସୁଥିବା ଦେଖିବାକୁ ମିଳିଛି। କିଛି ଚାଷୀ ଧାନ ବିଲରୁ ଧାନ ହଟେଇବା ପାଇଁ ଟ୍ରାକ୍ଟର, ପିକଅପ ଭ୍ୟାନର ବ୍ୟବହାର କରୁଥିବା ବେଳେ କିଛି କିଛି ଚାଷୀ ଶ୍ରମିକଙ୍କ ଦ୍ୱାରା ଭାରରେ ଓ ମୁଣ୍ଡରେ ଧାନ ଭାର ନେଇ ନିଜ ନିଜ ଖଳାରେ ରଖୁଥିବା ଦେଖାଯାଉଛି। ଯେଉଁ ଚାଷୀଙ୍କ ବିଲରେ ପାଣି ଜମିରହିଛି ସେମାନେ ଏବେ ଚିନ୍ତାରେ ରହିଛନ୍ତି। ଚାଷୀଙ୍କୁ ଆବଶ୍ୟକ ସମୟରେ ଓ ଆବଶ୍ୟକ ମୁତାବକ ଶ୍ରମିକ ମିଳୁନାହାଁନ୍ତି। ତେଣୁ ବାତ୍ୟା ଯୋଗୁଁ ବିଲରେ ପଡ଼ିରହିଥିବା ଧାନ ସବୁ ବର୍ଷାରେ ଭିଜିଯିବା ଆଶଙ୍କା ପ୍ରକାଶ ପାଉଛି।

## ଆଜି ପ୍ରଥମାଷ୍ଟମୀ; ଜ୍ୟେଷ୍ଠ ପୁତ୍ର, କନ୍ୟାଙ୍କୁ ବନ୍ଦାପନା

**ବ୍ରହ୍ମପୁର, ୪।୧୨(ସମିସ):** ମଙ୍ଗଳବାର ପବିତ୍ର ପ୍ରଥମାଷ୍ଟମୀ। ହିନ୍ଦୁ ପରମ୍ପରା ଓ ଓଡ଼ିଆ ରୀତିନୀତି ଆଧାରରେ ଏହି ପରମ୍ପରା ଘରେ ଘରେ ପ୍ରଚଳିତ। ଏହି ଦିନରେ ଜ୍ୟେଷ୍ଠ ପୁତ୍ର ଓ କନ୍ୟାମାନଙ୍କୁ ବନ୍ଦାପଣା କରାଯିବା ସହ ମା' ଲକ୍ଷ୍ମୀଙ୍କୁ ସୁମରଣା କରାଯାଏ। ଘରର ବଡ଼ ସନ୍ତାନଙ୍କ ଦୀର୍ଘାୟୁ କାମନା କରି କାହିଁ କେଉଁ ଅନାଦି କାଳରୁ ଓଡ଼ିଶାରେ ଏହା ପ୍ରଚଳିତ ହୋଇ ଆସୁଥିବା ବେଳେ ଗଞ୍ଜାମ ଜିଲ୍ଲାର ଘରେ ଘରେ ପାଳିତ ହେଉଥିବା ନଜିର ରହିଛି। ଏଥିପାଇଁ ବିଭିନ୍ନ ପରିବାର ପକ୍ଷରୁ ନିଷ୍ଠାର ସହିତ ପୂଜାର୍ଚ୍ଚନା ମଧ୍ୟ କରାଯାଏ। ପ୍ରଥମାଷ୍ଟମୀ ଦିନ ଜ୍ୟେଷ୍ଠ ପୁତ୍ର ଓ କନ୍ୟାମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ମାମୁଘର ଲୋକେ ବସ୍ତ୍ର ଉପହାର ଆକାରରେ ଦେଉଥିବା ପ୍ରକାଶ। ମା' ମହାଲକ୍ଷ୍ମୀଙ୍କ ଜନ୍ମକୁ ଆଧାର କରି ଏହି ପୂଜା କରାଯାଉଥିବା ବିଭିନ୍ନ ବୁଦ୍ଧିଜୀବୀଙ୍କ ମୁଖରୁ ଶୁଣିବାକୁ ମିଳେ। ଅନ୍ୟପକ୍ଷରେ ପରିବାରର ଜ୍ୟେଷ୍ଠ ସନ୍ତାନର ଜୀବନ ଏବଂ ସମୃଦ୍ଧତା କାମନା କରି ପ୍ରଥାମାଷ୍ଟାମୀ ପାଳନ କରାଯାଏ। ଘରର ବୟୋଜ୍ୟେଷ୍ଠ ମହିଳା ଓ ସମ୍ପର୍କୀୟଙ୍କ ଦ୍ୱାରା ପୂଜାର୍ଚ୍ଚନା ମଧ୍ୟ ହୁଏ। ବିସ୍ତୃତ ରୀତିନୀତି ଅନୁଯାୟୀ ମନ୍ତ୍ର ପାଠ କରାଯାଏ। ଏହି ଉତ୍ସବ କାର୍ତ୍ତିକ ପୂର୍ଣ୍ଣିମା ପରେ ଅଷ୍ଟମ ଦିନରେ ପାଳନ ହେଉଥିବା ଲକ୍ଷ୍ୟ କରାଯାଇଛି। ମାମୁ ଘର ଲୋକେ ନୂତନ ପୋଷାକ, ନଡ଼ିଆ, ଗୁଡ଼, ନୂତନ ଅମଳ ହୋଇଥିବା ଚାଉଳ, କଦଳୀ ଆଦି ପ୍ରଦାନ କରିଥାନ୍ତି। ଏହା ଘରେ ମା' ମହାଲକ୍ଷ୍ମୀ, ବିଷ୍ଣୁ ଓ ଗଣେଷ ଦେବତାଙ୍କୁ ପୂଜା କରାଯାଏ। ସେହିଭଳି ଏଣ୍ଡୁରି, ଆଡ଼ିଶା ସମେତ ବିଭିନ୍ନ ପିଠା ପଣା ମଧ୍ୟ ପ୍ରସ୍ତୁତ କରାଯାଇଥାଏ।

## ଦୁର୍ଘଟଣାରେ ସ୍କୁଟିଚାଳକ ମୃତ, ଡ୍ରାଇଭର ଫେରାର

**ବ୍ରହ୍ମପୁର, ୪।୧୨(ସମିସ):** ସ୍ଥାନୀୟ ଅନ୍ଧପସରା ରୋଡ଼ ଓ ଆମ୍ବମାର୍କେଟ ଛକ ପୂର୍ବରୁ ଥିବା ଏକ ଆପାଟମେଣ୍ଟ ନିକଟରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ପାଟପୁର ଥାନା ଅନ୍ତର୍ଗତ ମହାନଳା ଗ୍ରାମର ସରୋଜ କୁମାର ଦାସ(୨୩)। ସେ ଜଣେ ଦିନ ମଜୁରିଆ। ମିଳିଥିବା ସୂଚନା ପ୍ରକାରେ ରବିବାର ରାତିରେ ଖାଡ଼ି କାମ ସାରି ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଆମ୍ବମାର୍କେଟ ଛକ ପୂର୍ବରୁ ଥିବା ଏକ ଆପାଟମେଣ୍ଟ ନିକଟରେ ଗୋଟିଏ ପିକଅପ୍ ଗାଡି ସରୋଜଙ୍କ ସ୍କୁଟି ପଛକୁ ଧକ୍କା ଦେଇଥିଲା। ସ୍କୁଟି ଦ୍ରୁତଗତି ଥିବା ଯୋଗୁଁ ସରୋଜ ରାସ୍ତା କଡ଼ରେ ଛିଟିକି ହୋଇ ପଡ଼ିଥିଲା। ଫଳରେ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ପିକଅପ ଗାଡି ଚାଳକ ଘଟଣା ପରଠାରୁ ଗାଡ଼ି ଛାଡ଼ି ଚମ୍ପଟ ମାରିଲା। କୌଣସିସୂତ୍ରରୁ ଟ୍ରାଫିକ ଥାନା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗସ୍ତ ଦୁଇ ଗାଡିକୁ ଜବତ କରି ଯୁବକଙ୍କ ମୃତ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଥିଲା। ତେବେ ଘଟଣାକୁ ନେଇ ଟ୍ରାଫିକ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ପୁଲିସ ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ପରିବେଶ ସୁରକ୍ଷା ଦିଗରେ ସବୁଜ ବାହିନୀର ନିରନ୍ତର ପ୍ରୟାସ

# ପୁଅ ଜନ୍ମଦିନରେ ୧୦୮ ବୃକ୍ଷରୋପଣ

**ବ୍ରହ୍ମପୁର, ୪।୧୨(ସମିସ)**




ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗ୍ରାମରେ ଥିବା ହଜରେ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନର ସମସ୍ୟା ଦିନକୁ ଦିନ ବଢ଼ୁଥିବା ବେଳେ ବିଭିନ୍ନ ପ୍ରକାରର ପ୍ରାକୃତିକ ସମସ୍ୟା ଦେଖାଦେଉଛି। ତାହାକୁ ନଜରରେ ରଖି ବ୍ରହ୍ମପୁର ସବୁଜ ବାହିନୀ ଦୀର୍ଘ ୧୦ବର୍ଷ ଧରି ତାର ଚେଷ୍ଟା ଜାରି ରଖିଛି। ସଚେତନତା ମାଧ୍ୟମରେ ବୃକ୍ଷରୋପଣ ଦିଗରେ ନିରନ୍ତର କାମ କରୁଛି। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀଙ୍କ ପୁତ୍ର ସିଦ୍ଧାର୍ଥ ପାଣିଗ୍ରାହୀଙ୍କ ଜନ୍ମଦିନ ଅବସରରେ ଲୋକମାନଙ୍କ ପାଖରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ସୁକୁଣ୍ଡ ହଜଠାରେ ୧୦୮ଟି ବଟ ବୃକ୍ଷ ଓ ୧୦୦ଟି ଆମ୍ବଗଛ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଅନୁଯାୟୀ ବ୍ରହ୍ମପୁର ସବୁଜ ବାହିନୀ ବ୍ୟସ୍ତ ଜୀବନରେ କୌଣସି ବ୍ୟକ୍ତି ନିଜ ଜନ୍ମଦିନ, ବିବାହ ବାର୍ଷିକ କିମ୍ବା ନିଜ ଆତ୍ମୀୟ ଲୋକଙ୍କ ସ୍ମୃତିରେ ବୃକ୍ଷରୋପଣ କରିବାର ସୁଯୋଗ ଦେବା ସହ ଏହାର ରକ୍ଷଣାବେକ୍ଷଣ କରିଆସୁଛି। ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସନ୍ତୁଳନ ରଖିବା।

ଏହିମେଗା ବୃକ୍ଷରୋପଣକାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ ପ୍ରକାଶ, ପି ବିନୋଦ, ଗଣେଶ ପାଣିଗ୍ରାହୀ, ସାଗର ପ୍ରସାଦ ପାତ୍ର, ଜେ ବିନୋଦ, ପି କିରଣ କୁମାର, ପ୍ରଦୀପ ମହାପାତ୍ର, ମୁନା ଶତପଥୀ, ଆଞ୍ଚଳିକ ବିକାଶ ପରିଷଦ ସମ୍ପାଦକ ବିଜେନ୍ଦ୍ର ମଝିଙ୍କ ସହ ବ୍ରହ୍ମପୁର ସହରର ଅନେକ ପ୍ରକୃତିପ୍ରେମୀ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

● ଜିଲ୍ଲା ଲେଖକ ଓ ଲେଖିକା ସାମ୍ମୁଖ୍ୟର ଶୀତ ସାହିତ୍ୟ ସମାରୋହ

# 'ଭିନ୍ନ ଏକ ସ୍ୱପ୍ନ' ପାଠକାର୍ପିତ



**ବ୍ରହ୍ମପୁର, ୪।୧୨(ସମିସ):** କବିଟିଏ 'ସମାଜରେ ଘଟି ଯାଉଥିବା ବିଭିନ୍ନ ଘଟଣା ଗୁଡ଼ିକୁ ହୃଦୟାଙ୍ଗମ କରି ତାର ଯଥାର୍ଥ ପ୍ରତିବେଦନକୁ କବିତା ମାଧ୍ୟମରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଜାରି ରଖିଥାଏ ବୋଲି ଜିଲ୍ଲା ଲେଖକ ଓ ଲେଖିବା ସାମ୍ମୁଖ୍ୟର ଶୀତ ସାହିତ୍ୟ ସମାରୋହରେ ମତପ୍ରକାଶ ପାଇଛି। ଏ ଅବସରରେ ଖଣ୍ଡଦେଉଳି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦଣ୍ଡପାଣି ମହାପାତ୍ରଙ୍କ ତୃତୀୟ କବିତା ଗ୍ରନ୍ଥ 'ଭିନ୍ନ ଏକ ସ୍ୱପ୍ନ' ପାଠକାର୍ପିତ ହୋଇଛି। ସ୍ଥାନୀୟ ଉତ୍କଳ ଆଶ୍ରମ ପରିସରସ୍ଥ ଓଡ଼ିଆ ଭାଷା ଭବନ କକ୍ଷରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଲେଖକ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥି ଭାବରେ ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ଡ ଲମ୍ବୋଦର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧକ୍ଷ ସାହିତ୍ୟିକ ଡ ବନମାଳୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଉପଦେଷ୍ଟା ସାହିତ୍ୟିକା ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ, ସମ୍ମାନିତ ଅତିଥି ତଥା ସମ୍ବର୍ଦ୍ଧିତ କବି ଅବସରପ୍ରାପ୍ତ ଅଧକ୍ଷ ଦଣ୍ଡପାଣି ମହାପାତ୍ର ଏବଂ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସିନ ଥିଲେ। ଅନୁଷ୍ଠିତ କବିତା ପାଠୋତ୍ସବରେ ଉପସଭାପତି ସାହିତ୍ୟିକ ଡା. ସରୋଜକାନ୍ତ ରଥ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ଦଣ୍ଡପାଣି ମହାପାତ୍ର ମଞ୍ଚାସିନ ଥିଲେ। ସଂଯୋଜିକା ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଏହି ସମାରୋହରେ ସଂଗଠନ ସମ୍ପାଦକ ସୁଦାମ ପାଣିଗ୍ରାହୀ, କୋଷାଧକ୍ଷ ନିତ୍ୟାନନ୍ଦ ପାଢ଼ୀ, ଭଗବାନ ତ୍ରିପାଠୀ, ଭିକାରୀ ଚରଣ ମହାପାତ୍ର, ଡ ସୁବ୍ରତ କୁମାର ସାହୁ, ଦେବୀପ୍ରସାଦ ମହାପାତ୍ର, ସରସ୍ୱତୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ମାଳି, ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ଲିଙ୍ଗରାଜ ଜେନା, ଗୌରୀଶଙ୍କର ପଟ୍ଟନାୟକଙ୍କ ସମେତ ବହୁ କବି ଓ କବିୟତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା



**ଡେରାବିଶ, ୪।୧୨(ସମିସ):** କାଉପଡ଼ା ପଞ୍ଚାୟତ ଥକେଇନେଉଳିରେ ଅଗ୍ନିକାଣ୍ଡ ଘଟି ବାରେଣୀ ସେଠୀଙ୍କ ଛପର ଘର ପୋଡି ପାଉଁଶ ହୋଇଯାଇଛି । ତଙ୍କ ଘରେ ଥିବା ଧାନ, ଚାଉଳ, ନଗଦ ଟଙ୍କା ଓ ସୁନା ସମେତ ଘରର ସମସ୍ତ ସରଞ୍ଜାମ ପୋଡ଼ି ଯାଇଛି । ଖବର ପାଇ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତି ସହାୟତାର ହାତ ବଢ଼ାଇଛି । ଏହି ଅବସରରେ ସମିତିର ସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ଗୌରାଙ୍ଗ ଚରଣ ପ୍ରଧାନ, ସମିତି କର୍ମଚାରୀ ସୌମ୍ୟରଞ୍ଜନ ରାଉତ, ସୌଭାଗ୍ୟ ଚରଣ ଭୋଇ ପ୍ରମୁଖ ବାରେଣୀକୁ ଭେଟି ଆର୍ଥିକ ସହାୟତା ରାଶି ସ ବିଭିନ୍ନ ସରଞ୍ଜାମ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ । ସମିତିର ପରିଚଳନା ପରିଷଦ ସଭ୍ୟ ରାଧାଶ୍ୟାମ ଦାସ, କାଶିନାଥ ନାୟକ, ଭାଗ୍ୟଧର ସ୍ୱାଇଁ ଓ ରମେଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପାଳ ମୁରବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ, ୪।୧୨(ସମିସ):** ବଡବାଲିକଣି ପଞ୍ଚାୟତ ଚୌଧୁରୀକୁଦସ୍ଥିତ ଶନିଶ୍ଚର ମନ୍ଦିର ପ୍ରମୁଖ ସଭ୍ୟ ତଥା ଗୋପାଳ ମୁରବି ଫକିର ଚରଣ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଓ ଶୋକ ବ୍ୟକ୍ତ କରାଯାଇଛି । ମନ୍ଦିର ପରିଚାଳନା କମିଟିର ପ୍ରମୁଖ ହେମନ୍ତ ମହାପାତ୍ର, ସାର୍ଥକ ନାୟକ, କୈଳାସ ଚନ୍ଦ୍ର ପରିଡ଼ା, ସଞ୍ଜୟ ସ୍ୱାଇଁ, ଜ୍ଞାନରଞ୍ଜନ ଚୌଧୁରୀ, ଦୈତାରୀ ଦାସ, ସୁନାକର ବେହେରା, ପ୍ରଦୀପ୍ତ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି

## ଡାକ୍ତରଙ୍କ ମାତୃ ବିୟୋଗ



**ପାରାଦୀପ, ୪।୧୨(ସମିସ):** ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ଗ୍ରାମର ଡାକ୍ତର ସ୍ମୃତିରଞ୍ଜନ ମହାପାତ୍ରଙ୍କ ମା' ରୁକ୍ମଣି ମହାପାତ୍ରଙ୍କ ୭୫ ବର୍ଷ ବୟସରେ ଦେହାନ୍ତ ହୋଇଛି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ପୁରୀ ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି ।

## ବାଘୁଆଠେଙ୍ଗ ଚାଉଳ ବାଟମାରଣ

**କୁଜଙ୍ଗ, ୪।୧୨(ସମିସ):** କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ବାଘୁଠେଙ୍ଗ ଗ୍ରାମର ୭ ଓ ୮ ନମ୍ବର ୱାର୍ଡରେ ଗତବର୍ଷର ଗୋଟିଏ ମାସ ଓ ଚଳିତ ବର୍ଷର ୩ ମାସର ଚାଉଳ ଖାଉଟି ପାଉ ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଖାଉଟି ପ୍ରତିବାଦ କରିଛନ୍ତି । ଏପରିକି ଏହି ମସସ୍ୟା ନେଇ ସ୍ଥାନୀୟ ଖାଉଟି ସରପଞ୍ଚ ବିପିନ ବିଶ୍ୱାଳଙ୍କୁ ମଧ୍ୟ ଫେରାଦ ହୋଇଥିଲେ । ଡିଲର ଓ ଖାଉଟିଙ୍କୁ ନେଇ ସରପଞ୍ଚ ଆଲୋଚନା କରିଥିଲେ ମଧ୍ୟ ଖାଉଟିଙ୍କୁ ଚାଉଳ ମିଳିନି । କମଳାକାନ୍ତ ମହାନ୍ତି, ସମ୍ପଦ ବେହେରା, ବିଶ୍ୱନାଥ ହାତୀ, ମୋହନ ମୁରଲୀ ରାଉତରାୟ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି ।

## ମୁଣ୍ଡ ଗୁଞ୍ଜିବାକୁ ପଲିଥିନ୍ ଭରସା



ବିରିଡି, ୪।୧୨(ସମିସ): ବିରିଡ଼ି ବ୍ଲକ ଶଙ୍ଖପୁର ପଞ୍ଚାୟତ ଲାଞ୍ଜିକୁଳ ୭ନମ୍ବର ୱାର୍ଡର ଶଶୀ ଭୋଇ ଓ ଛଇଳ ଭୋଇଙ୍କ ପରିବାର ପଲିଥିନ ତଳେ ମୁଣ୍ଡ ଗୁଞ୍ଜିଛନ୍ତି । ଏହି ଦୁଇ ପରିବାର ଅତିଗରିବ । ମଜୁରି ନ ଲାଗିଲେ ଉପାସ ରୁହନ୍ତି । ଏହି ଦୁଇ ପରିବାର ଦୟନୀୟ ଅବସ୍ଥାରେ ଖଣ୍ଡେ ଖଣ୍ଡେ ଛିଣ୍ଡା ପଲିଥିନ ତଳେ ରହୁଛନ୍ତି ।

## କୋଇଲା ଚୋରାଚାଲାଣ; ୩ ଗିରଫ

**କଣିହାଁ, ୪।୧୨(ସମିସ):** କଣିହାଁ ଥାନା ପୁଲିସ ସୋମବାର ଚୋରା କୋଇଲା ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି । ଏମାନେ ହେଲେ ଛେଣ୍ଡିପଦା ଥାନା ଅଞ୍ଚଳର ନିରଞ୍ଜନ ନାଏକ (୩୯), କଂସମୁଣ୍ଡା ଗ୍ରାମର ହରି ନାଏକ (୨୫) ଓ କୁଣ୍ଡେଇଗୋଳା ଗ୍ରାମର କପିଳ ସାହୁ (୫୦) ତଦନ୍ତକାରୀ ଅଧିକାରୀ ଅରୁଣ ପଣ୍ଡା ସୂଚନା ଦେଇଛନ୍ତି ଯେ, ପୁଲିସ ପାଟ୍ରୋଲିଂ ବେଳେ କଣିହାଁ କୋଇଲା ଖଣିରୁ ନମ୍ବର ବିହିନ ବାଇକ ଯୋଗେ ଏମାନେ କୋଇଲା ନେଉଥିବା ବେଳେ ଧରା ପଡ଼ିଥିଲେ ।

# କ୍ରୀଡ଼ାରେ ପାରଦର୍ଶିତା ଦେଖାଇଲେ ୮୦ ଦିବ୍ୟାଙ୍ଗ

ଡେରାବିଶ, ୪।୧୨(ସମିସ)

ଡେରାବିଶ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେରାବିଶ ଶିକ୍ଷାମଣ୍ଡଳ ଅଧୀନ ୨୬ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ତାଙ୍କ ପାରଦର୍ଶିତା ଦେଖାଇଥିଲେ । ଏହି କାର୍ଯ୍ୟକ୍ରମରେ ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ପରେ ଦିଦ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭକ୍ତ କରାଯାଇ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ



ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ମଧୁସ୍ମିତା ଦାସ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଦେବଦତ୍ତ ଶତପଥୀ ଓ ଶିକ୍ଷକ ଗୋପାଳ ଚନ୍ଦ୍ର ବାରିକ ଯୋଗଦେଇ ଏହି ପ୍ରତିଯୋଗିତା ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରିବାରେ ସହାୟକ ହେବ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏଥିସହିତ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଆଲୋକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ନିରାକାର ମହାରଣା ଓ ଶୁଭମ୍ ମହାରଣା ଯୋଗ ଦେଇଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସୁଶାନ୍ତ ନାୟକ, ପ୍ରଦ୍ୟୁମ୍ନ କିଶୋର ଜେନା, ଗୋକୁଳି ତ୍ରିପାଠୀ, ଅନ୍ନପୂର୍ଣ୍ଣା ସାମଲ, ଦୀପକ ଦାସ, ସଞ୍ଜିତ ସ୍ୱାଇଁ, ସୁରେନ୍ଦ୍ର ଶତପଥୀ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥଲେ ।

## 'ସାରା ବିଶ୍ୱରେ କେହି ଅକ୍ଷମ ନୁହଁନ୍ତି'

କୁଜଙ୍ଗ, ୪।୧୨(ସମିସ)

ସାରା ବିଶ୍ୱରେ କେହି ଅକ୍ଷମ ନୁହେଁ । ଯାହାର କିଛି ଅଙ୍ଗ କାମ କରୁନାହିଁ ସେ ଅନ୍ୟ ଦିଗରେ ପାରଦର୍ଶୀ ଦେଖାଇ ନିଜ ପାଇଁ ତଥା ସମାଜ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରିବେ; ମାତ୍ର ବ୍ୟକ୍ତିର ଏହି ଅକ୍ଷମତାକୁ ସହଜରେ ଗ୍ରହଣ କରିବା, ଏହାକୁ ନେଇ ସଚେତନ ରହିବା, ନିଯୁକ୍ତି, କ୍ରୀଡା, ସାମାଜିକ ଜୀବନନରେ ସହଯୋଗ କରିବା, ସେମାନଙ୍କୁ ସାମାଜିକ, ଅର୍ଥନୈତିକ, ଶକ୍ତିଶାଳୀ କରିବା ସମୟର ଆହ୍ୱନ ରହିଛି । କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଆର୍ନ୍ତଜାତିକ ଅକ୍ଷମତା ଦିବସ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମକୁ କୁଜଙ୍ଗ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା କୁଜଙ୍ଗ ତାଲୁକ୍ ଆଇନସେବା କମିଟିର ଅଧ୍ୟକ୍ଷ ପାର୍ଥସାରଥୀ ପଟ୍ଟନାୟକ ଉଦ୍‌ଘାଟନ କରଥିଲେ । ଏହି ଦିବସ ଘରେ, ପରିବାରରେ, ସମାଜରେ, କାର୍ଯ୍ୟାଳୟରେ ଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଉତ୍ସର୍ଗ କରିବା ସହ ସେମାନଙ୍କ ସୁଖ ଓ ସୁବିଧା ପାଇଁ ଉଦ୍ୟମ ହେବା ଉଚିତ ବୋଲି ସେ କହିଥିଲେ । ଏହି ଅବସରରେ କୁଜଙ୍ଗ ଜେଏମ୍‌ଏଫ୍‌ସି ବିଶ୍ୱ ଭୂଷଣ ନାୟକ ଓ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଶିବ ପ୍ରସାଦ ସେଠୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ନିୟମିତ ଭାବେ ହେଉଥିବା ସଚେତନତା କାର୍ଯ୍ୟକ୍ରମ ସବୁ ବର୍ଗର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଓ ସମୃଦ୍ଧି ପାଇଁ ସହାୟକ ହେବ ବୋଲି କହିଥିଲେ । ଏହି ଅବସରରେ ଓକିଲ ସଂଘର ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ଡାକ୍ତର ସତ୍ୟଜିତ ମଲ୍ଲିକ, ପ୍ରଧାନ, ଆଇନଜୀବୀ ସୁବାସ ନାୟକ, ନିର୍ମଳ ମଲ୍ଲିକ, ତାଲୁକ ଆଇନସେବା କମିଟିର ରିଟେନର ଏଏନ୍‌ଡି ଯାଦବ, ପ୍ରଦୀପ୍ତ ମୁଦୁଲି, ଧନେଶ୍ୱର ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ ।






ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଆହ୍ୱାନରେ କଳିଙ୍ଗ ବାଲିଯାତ୍ରା ପଡ଼ିଆ ସଫେଇରେ ସାମିଲ ହୋଇଥିବା ଯୁବଗୋଷ୍ଠୀ ।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଡେରାବିଶ, ୪।୧୨(ସମିସ):** ପଲେଇ ପଞ୍ଚାୟତ ମଲ୍ଲିକେଶ୍ୱରପୁରସ୍ଥିତ ମଲ୍ଲିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସାଇଶ୍ରୀ ଭଦ୍ର ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ବେହେରା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରିତାଞ୍ଜଳି ମିଶ୍ର, ତପନ ସ୍ୱାଇଁ, ଗିରିଶ ଚନ୍ଦ୍ର ସ୍ୱାଇଁ, ଜୟନ୍ତୀ ଦାସ, ଶୁଭଶ୍ରୀ ଦାସ, ସରୋଜିନୀ ସାହୁ, ସବିତା ସ୍ୱାଇଁ, ଜୟନ୍ତ ସାହୁ, ମାନସ ରଞ୍ଜନ ନାୟକ ଓ ଜୟନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଟାଧାର ବେଳାଭୂମି ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଏରସମା, ୪।୧୨(ସମିସ):** ଏରସମା ବ୍ଲକ ଢିଙ୍କିଆ ଚାରିଦେଶରେ ୫ ଦିନ ଧରି ଚାଲିଥିବା ଜଟାଧାର ବେଳାଭୂମି ବୋଇତ ବନ୍ଦାଣ ଓ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଛି । ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଏସ୍‌ପି ରାହୁଲ ପି ଆର୍, ଏରସମା ବ୍ଲକ ବିଜୁ ଜନତା ଦଳ ସଭାପତି ପୀତବାସ ଗୋଚ୍ଛାୟତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାନେତ୍ରୀ ଆରତୀ ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପରିଡ଼ା, ନରେଶ ଭଞ୍ଜ, ତପନ ସ୍ୱାଇଁ ପ୍ରମୁଖ ଅତିଥି



ଭାବେ ଯୋଗ ଦେଇଥିଲେ । ମହୋତ୍ସବ କମିଟି ସଭାପତି ଢିଙ୍କିଆ ପଞ୍ଚାୟତ ସରପଞ୍ଚ କିଶୋର ପରିଡ଼ା ଅଧ୍ୟକ୍ଷତା କରିଥିଲେ । ରଞ୍ଜନ ବର୍ଦ୍ଧନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ହେମନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଚିତ୍ରଶିଳ୍ପୀ ସୁଧାଂଶୁ ସୂତାର ସଂଯୋଜନା କରିଥିଲେ । ଜଗତସିଂହପୁର ମହକାଳ ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲା ।

## କେନ୍ଦ୍ରାପଡ଼ା ଜିଲ୍ଲା କାମ୍ବୋରୀ ଉଦ୍‌ଯାପିତ

# 'ସାହସୀ, ଆତ୍ମ ନିର୍ଭରଶୀଳ ହୁଅ'

ରାଜନଗର, ୪।୧୨(ସମିସ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ୩ଦିନିଆ କେନ୍ଦ୍ରାପଡ଼ା ଜିଲ୍ଲା କାମ୍ବୋରୀ-୨୦୨୩-୨୪ ଉଦ୍‌ଯାପିତ ହୋଇଯାଇଛି । ସ୍କାଉଟ ମାଷ୍ଟର ସରୋଜକାନ୍ତ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ସାହସୀ ଓ ଆତ୍ମ ନିର୍ଭରଶୀଳ ହେବାକୁ ସେ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ ଆଣ୍ଡ ଗାଇଡର ଚିଫ୍ କମିଶନର ତଥା ଜାତୀୟ ସ୍କାଉଟ ଉପସଭାପତି ଡ. କାଳିପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଭାରତ ସ୍କାଉଟ୍ ଅଣ୍ଡ ଗାଇଡର ସଂଗଠନ ସମ୍ପାଦିକା ଅନାମିକା ଦାସ, ଜିଲ୍ଲା ଶିକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ନାୟକ, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳ, ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଲକ୍ଷ୍ମୀଧର ବାରିକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଂସ୍କୃତି ଓ ପରିମ୍ପରା ଅକ୍ଷୁର୍ଣ୍ଣ ରଖିବାରେ ଛାତ୍ରଛାତ୍ରୀଙ୍କୁ ଆତ୍ମ ନିର୍ଭରଶୀଳ ଓ ସାହାସୀ ହେବାରେ ଏବଂ ଦେଶ ଗଠନରେ ସ୍କାଉଟ୍ ଆଣ୍ଡ ଗାଇଡର ଭୂମିକାକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ । ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତବର୍ଷ ଚଉଦକୁଳାଟର ଜଗନ୍ନାଥ ବିଦ୍ୟାପୀଠ କ୍ରମାଗତ ଭାବେ ୪ର୍ଥ ବର୍ଷ ପାଇଁ ଚାମ୍ପିଅନ ଘୋଷିତ ହୋଇଥିଲେ । ବେଷ୍ଟ ସ୍କାଉଟ୍ ମାଷ୍ଟର ଭାବେ ରିତେଶ ବେହେରା, ଗାଇଡ କ୍ୟାପଟେନ ଭାବେ ଗାୟତ୍ରୀ ମିଶ୍ରଙ୍କୁ



ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବିରରେ ୫୮୦ ସ୍କାଉଟ ଆଣ୍ଡ ଗାଇଡ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ୬୦ଜଣ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ଯୋଗ ଦେଇଥିଲେ । ଏହି ଶିବିରକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟିର ସଭ୍ୟ, ସଭ୍ୟା ଓ ପୁରାତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ । ଡିଓସି ସ୍କାଉଟ୍ ଦେବରାଜ ନାୟକ, ବିସି ଗାଇଡ୍ ଜୟନ୍ତୀ ଦେଇ, ହରପ୍ରିୟା କର, ଗାଇଡ ଟ୍ରେନିଂ କମିଶନର ଅର୍ନ୍ନପୂର୍ଣ୍ଣ ଚୂଲି, ସ୍କାଉଟ୍ ଟ୍ରେନିଂ କମିଶନର ଗୋପିନାଥ ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# 'ଯୁବସମାଜ ଚାହିଁଲେ ଏଡ୍‌ସ ରୋକିହେବ'

ମାର୍ଶାଘାଇ, ୪।୧୨(ସମିସ)

ଆଖୁଆ-ଓଡ଼ଙ୍ଗ ଚିତ୍ରୋତ୍ପଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ସୁରେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଡ୍‌ସ ଭୟବହତା ରୋକିବାରେ ଯୁବ ଓ ଛାତ୍ର ସମାଜର ଗୁରୁଦାୟିତ୍ୱ ରହିଥିବା ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଥିଲେ । ଅଧାପକ ସରୋଜ ତ୍ରିପାଠୀ, ବାଉରୀବନ୍ଧୁ ପାଲ, ଅକ୍ଷୟ ମଲ୍ଲିକ୍, ପ୍ରଭାତ ପରିଡ଼ା, ପ୍ରଭାତ ପରିଜା ପ୍ରମୁଖ ଯୋଗଦେଇ ବିଶ୍ୱ ଏଡ୍‌ସ ଦିବସ ପାଳନ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଅକ୍ଷୟ ସାହୁ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ଛାତ୍ରଛାତ୍ରୀ ଏକ ସଚେତନତା ଶୋଭାଯାତ୍ରରେ ନିକଟସ୍ଥ ଓଡ଼ଙ୍ଗ, ଆଖୁଆ, ଅଭୟପୁର ପରିକ୍ରମା କରି ସଚେତନ କରିଥିଲେ । ଶେଷରେ ପ୍ରକାଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।






ରାଜନଗର: ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଏ ନେଇ ଲୋକଙ୍କୁ ସଚେତନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ୩ ନୋଡାଲ ଅଫିସର ଅଧାପକ ପ୍ରଣୟ ବେହେରା, ଯୁକ୍ତ ୨ ନୋଡାଲ ଅଫିସର ଅଧାପିକା ରାଜଶ୍ରୀ ସାମନ୍ତ, ଏନ୍‌ଏସ୍‌ଏସ ପ୍ରୋଗ୍ରାମ ଅଫିସର ଅଧାପିକା ଅନୁସୟା ବେହେରା, ଅଧାପକ ପର୍ଶୁରାମ ନାଥ, ପ୍ରତାପ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏଡ୍‌ସର ଭୟାବହତା ନେଇ ସଚେତନ କରିଥିଲେ ।

## କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ

**ଡେରାବିଶ, ୪।୧୨(ସମିସ):** ଗୋଲରାହାଟ ପଞ୍ଚାୟତ ଫାଣ୍ଡିବଜାରରେ ଚାଲିଥିବା କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ପୂଜାରେ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ରବି ସାମଲ, ରାଜ୍ୟ ଉଠାଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ, ବରିଷ୍ଠ ବିଜେଡି ନେତା ଅଜୟ ରାଉତ, ଶାନ୍ତନୁ ନାୟକ, ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।



# ରାଜ୍ୟ ମାନବଧିକାର କମିଶନରଙ୍କ ନୂଆପଡ଼ା ଜିଲ୍ଲା ଗସ୍ତ

ନୂଆପଡା,୪।୧୨(ସମିସ)

ରାଜ୍ୟ ମାନବ ଅଧିକାର କମିଶନର ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଝାରୀ ଦିନିକିଆ ନୂଆପଡା ଜିଲ୍ଲା ଗସ୍ତ କରିଛନ୍ତି । ସେ ପଡୋଶୀ ବରଗଡ ଜିଲ୍ଲାରୁ ଆସି ପୂର୍ବାହ୍ନ ୧୦.ଟା ୩୦ରେ ନୂଆପଡା ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ଡାକ୍ତରଖାନାର ପ୍ରତ୍ୟେକଟି ୱାର୍ଡ ବୁଲିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ । ପରେ ଜିଲ୍ଲାପାଳଙ୍କ ସଭାଗୃହରେ ସାମ୍ବାଦିକଙ୍କ ବୈଠକ କରିଥିଲେ । ଜିଲ୍ଲା ଓକିଲସଂଘର ସଭାପତି ପ୍ରସନ୍ନ ପାଢୀ, ସଂପାଦକ ପୁରୁଷୋତ୍ତମ ସୋନୀ, ସିଭିଲ ବାର୍‌ର ସଭାପତି ଘାସିରାମ ମାଝି, ଦେବଦତ୍ତ ଦୀକ୍ଷିତ, ଯାଜ୍ଞସେନୀ ମାହାପତ୍ର, ପ୍ରତିଭା ହୋତା, ଦେବେନ୍ଦ୍ର ବାଗ ସହ ଏନଜିଓ ସଂସ୍ଥାମାନେ ଉପସ୍ଥିତ ଥିଲେ । ଜଷ୍ଟିସ ପୂଝାରୀ ପ୍ରଥମେ ମାନବ ଅଧିକାର କମିଶନର ପରିସର ବୁଝାଇବା ସହ ଜନସାଧାରଣ କିପରିଭାବରେ ସାଧାରଣ ଜନତା ଙ୍କୁ ସେମାନ ଙ୍କ ମାନବଧିକାର ହନନ ହେବାରୁ ବାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ । ଅପରାହ୍ନରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ବେବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ, ଏସପି ଜିଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ସିଡିଓ ମଧୁଛନ୍ଦା ସାହୁ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଉପଜିଲ୍ଲାପାଳ ସୁବାସଚନ୍ଦ୍ର ରଏତା, ସିଡିଏମଓ ଡ. ସୁଧିରଞ୍ଜନ ନାୟକ, ଡିପିଏମ ଦିଲିପ ଦୁବେ, ସହ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।



# ରାଜ୍ୟପାଳଙ୍କୁ ଭେଟିଲେ ଯୁବନେତା ପ୍ରୀତେଶ ବହିଦାର



**ସମ୍ବଲପୁର/ପଦ୍ମପୁର, ୪।୧୨(ସମିସ):** ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ପଦ୍ମପୁର ଅଞ୍ଚଳର ବିଭିନ୍ନ ବିଷୟରେ ଆଲୋଚନା ଓ ପଦ୍ମପୁର ଲୋକମହୋତ୍ସବକୁ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି ଯୁବନେତା ପ୍ରୀତେଶ ବହିଦାର । ଏହାସହ ନୃସିଂହନାଥ ଓ ଦେବଦର୍ହା ଭଳି ପଶ୍ଚିମ ଓଡ଼ିଶାର ପ୍ରମୁଖ ତୀର୍ଥସ୍ଥଳୀମାନ ଭ୍ରମଣ କରିବାକୁ ମଧ ସେ ରାଜ୍ୟପାଳଙ୍କୁ ଆମନ୍ତ୍ରଣ କରିଛନ୍ତି । ସାକ୍ଷାତ ସମୟରେ ମହୋତ୍ସବର ଆବାହକ ଅଶୋକ କୁମାର ମିଶ୍ର, ସହ ଆବାହକ କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ଯୁଗଳ ସାହୁ, ଶୁଭମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମପୁର ଭଳି ଏକ ପଛୁଆ ଅଞ୍ଚଳରେ ଲୋକ ମହୋତ୍ସବ ଆୟୋଜନ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିବା ସହ ଆଗାମୀ ଦିନରେ ସୁଯୋଗ ମିଳିଲେ ନିଶ୍ଚିତ ଭାବେ ସମୟ ଦେବେ ବୋଲି କହିଛନ୍ତି ।

# କାର୍-ବାଇକ୍ ଧକ୍କାରେ ବାଇକ ଆରୋହୀ ମୃତ

**ସୋନପୁର, ୪।୧୨(ସମିସ):** ସୋନପୁର ସହରରେ ସୋମବାର ସନ୍ଧ୍ୟାରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଏକ କାର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି । ସହରର ମହାନଦୀ ରିଙ୍ଗ ରୋଡ଼ରେ ଏହି ଦୁର୍ଘଟଣା ଘଟିଛି । ମୃତକ ଜଣକ ହେଲେ ସହରର ନୂଆ ମାଳିପଡାର ସନ୍ତୋଷ ଗୁରୁ । ସନ୍ତୋଷ ରିଙ୍ଗରୋଡ଼ ଦେଇ ନିଜ ବାଇକରେ ମହାନଦୀ ବ୍ରିଜ ମୁଖ୍ୟ ରାସ୍ତାକୁ ଆସୁଥିଲେ । ଏହି ସମୟରେ ସାମ୍ନା ପଟରୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ବାଇକ ଆରୋହୀ ସନ୍ତୋଷଙ୍କୁ କିଛି ସ୍ଥାନୀୟ ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଜିଲ୍ଲା ଡାକ୍ତରଖାନାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । କାରଟି ବାଇକକୁ ପିଟି ଦେବା ପରେ ଭାରସାମ୍ୟ ହରାଇ ମୁଖ୍ୟ ରାସ୍ତାରୁ ତଳକୁ ଖସି ପଡ଼ିଥିଲା । କାର ଡ୍ରାଇଭର ଦୁର୍ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛି । ପୁଲିସ୍ ଦୁର୍ଘଟଣା ଘଟାଇଥିବା କାର ଓ ଡ୍ରାଇଭର ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛି ।

# ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ହଟିଲା ଅନାବନା ଗଛଲତା

**ଶଗଡା, ୪।୧୨( ସମିସ):** ସରକାର ବିପଦମୁକ୍ତ ବିଦ୍ୟୁତ୍ ଯୋଗଣ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅନେକ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଛି । ସୂଚନା ଅନୁସାରେ ମନମୁଣ୍ଡା ବିଦ୍ୟୁତ୍ ବିଭାଗ ଅଧିନ ଶଗଡା ରାସ୍ତାର ବିଲାସପୁର ପାଣି ଟାଙ୍କି ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା । ଏହାର ନିକଟରେ ଅଙ୍ଗନୱାଡି କେନ୍ଦ୍ର ଥିବା ବେଳେ ଅତି ନିମ୍ନରେ ଖୋଲା ମେଲାରେ ଫ୍ୟୁଜ୍ ବାକ୍ସ ରହିଛି । ଏନେଇ ଦୈନିକ ଖବର କାଗଜ ସକାଳରେ ଖବର ପ୍ରକାଶିତ ହୋଇଥିଲା । ଉକ୍ତ ଖବରକୁ ଟୁଇଟ୍ ମାଧ୍ୟମରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ କେଶରୀ ପାଲି ଗ୍ରାମର ରମେଶ ମେହେର ଓ ବିନୋଜ୍ କନ୍ଧେର ବିଭାଗର ଦୃଷ୍ଟି ଆକର୍ଷଣ କରିବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଆଜି ଉକ୍ତ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ଅନାବନା ଗଛଲତା ସବୁ କାଟି ସଫା କରାଯାଇଥିବା ଜଣାପଡ଼ିଛି । ଅନାବନା ଗଛଲତା ସବୁ ହଟିବା ପରେ ଲୋକେ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି ।



■ ମୁରିବାହାଲ ଗାଁରେ ଗୋଷ୍ଠୀ ସଂଘର୍ଷ ଘଟଣା

# ଗାଁରେ ଶାନ୍ତି ଫେରାଇ ଆଣିବାକୁ ବୈଠକ

**ତୁରେକେଲା,୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମୁରିବାହାଲ ଗାଁରେ ଶନିବାର ରାତିରେ ସାଧାରଣ ବର୍ଗ ଓ ଦଳିତ ବର୍ଗ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ସାଧାରଣ ବର୍ଗର ଲୋକେ ଦଳିତ ପରିବାର ଉପରେ ଆକ୍ରମଣ କରିଥିବାରୁ ଦଳିତ ପରିବାରର ୩ ଜଣ ମହିଳା ଗୁରୁତର ହୋଇଥିବା ବେଳେ ୨ଜଣ ପୁରୁଷ ଆହତ ହୋଇଥିଲେ । ଏହା ପରେ ଗାଁରେ ଉତ୍ତେଜନା ଲାଗି ରହିଥିଲା । ଉତ୍ତେଜନା ନିୟନ୍ତ୍ରଣ କରିବା ପାଇଁ ଗାଁରେ ପୁଲିସ ମୁତୟନ କରାଯାଇଥିଲା । ଉଭୟ ପକ୍ଷରୁ ତୁରେକେଲା ଥାନାରେ ମାମଲା ମଧ ରୁଜୁ ହୋଇଛି । ରବିବାର ଗାଁକୁ ପ୍ରଶାସନିକ ଅଧିକାରୀ ଯାଇ ଶାନ୍ତି କମିଟି ଗଠନ କରିଥିଲେ । ଗାଁରେ ଶାନ୍ତି ଫେରାଇ ଆଣିବାକୁ ସୋମବାର ତୁରେକେଲା ଥାନାରେ ଶାନ୍ତି କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କଣ୍ଟାବାଞ୍ଜି ତହସିଲଦାର ଶ୍ରୀ ମୁଣ୍ଡା, ଏସଡିପିଓ ଗୌରାଙ୍ଗ ସାହୁ, ବିଡିଓ ଶଙ୍କର୍ଷଣ ବେହେରା, ଥାନା ଅଧିକାରୀ ଭାନୁଶଙ୍କର ଯାଦବ ଓ ଗ୍ରାମବାସୀ ଓ ଉଭୟ ପକ୍ଷ ଉପସ୍ଥିତ ରହି ତାଙ୍କ ସମସ୍ୟା ଜଣାଇଥିଲେ । ଗାଁର ସାଧାରଣ ଅଭିଯୋଗ ଯେ, ଗାଁର କେଶରୀ ଦୀପ ସର୍ବ ସାଧାରଣ ରାସ୍ତାକୁ ଜବରଦଖଲ କରିଛନ୍ତି । ତାହା ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି କରିଥିଲେ । ଏହାପରେ କେଶରୀ ଦୀପ କହିଛନ୍ତି ଯେ, ଯଦି ମୁଁ ସର୍ବସାଧାରଣ ରାସ୍ତା ଅବରୋଧ କରିଛି ତେବେ ତହସିଲଦାର ନକ୍ସା ଦେଇ କେତେ ଦୂର ଯାଏ ରାସ୍ତା ଅଛି ସେତେ ଜମି ଚିହ୍ନଟ କଲେ ମୁଁ ରାସ୍ତା ଛାଡି ଦେବି ବୋଲି ସେ କହିଥିଲେ । ଉଭୟ ପକ୍ଷ ନିଜ ନିଜ ସମସ୍ୟା ଜଣାଇଥିଲେ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତରେ ସମାଧାନ ରାସ୍ତା ବାହାରି ଥିଲା ।



# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଆଇନ ସଚେତନତା ଶିବିର

**ବଲାଙ୍ଗିର, ୪।୧୨(ସମିସ) :** ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ ଅନୁସାରେ ଦେଓଗାଁ ବ୍ଲକ ଅନ୍ତର୍ଗତ ସଲେପାଲି ଜଗତ ବନ୍ଧୁ ଶିକ୍ଷା ନିକେତନ କାର୍ଯ୍ୟାଳୟ ଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିନୟ କୁମାର ପାତ୍ର, ଦେୱାନି ନ୍ୟାୟାଧୀଶ ଜନ୍ମେଜୟ ପଲେଇ, ଡିପ୍ଲୋମା କଲେଜ ଅଧକ୍ଷ ଡକ୍ଟର ସୁଧାଂଶୁ କୁମାର ମେହେର, ଜଗତବନ୍ଧୁ ଶିକ୍ଷା ନିକେତନ ପରିଚାଳକ କର୍ଣ୍ଣୟାର ପ୍ରଧାନ, ପ୍ରଧାନଶିକ୍ଷକ ସଙ୍କଟ ପଧାନ ଉପସ୍ଥିତ ରହି ଭିନ୍ନକ୍ଷମ ପାଇଁ ଥିବା ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ । ଏହି ଶିବିରରେ ଶ୍ରୀ ପାତ୍ର ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ତାତ୍ପର୍ଯ୍ୟ ସରଳ ଭାବେ ବୁଝାଇବା ସହ ଜିଲ୍ଲା ଆଇନସେବା ପ୍ରାଧିକରଣ କିପରି ମାଗଣା ଆଇନ ସେବା ଯୋଗାଉଛି ତା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ ।

# ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



**ଟିଟିଲାଗଡ଼, ୪।୧୨ (ସମିସ):** ଟିଟିଲାଗଡ଼ ବିଧାୟିକା ତଥା ଜଳସମ୍ପଦ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ଗସ୍ତ କରି ଅନେକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରଥମେ ଟିଟିଲାଗଡ଼ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯକ୍ରମରେ ଯୋଗ ଦେଇଥିଲେ । ଟିଟିଲାଗଡ଼ ମହିଳା ମହାବିଦ୍ୟାଳୟକୁ ରାଜ୍ୟ ସରକାର ଏହି 'ନୂଆ ଓଡ଼ିଶା' ମାଧ୍ୟମରେ ୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଯାହା କି ଛାତ୍ରୀ ଓ କଲେଜ ପ୍ରଶାସନ ମିଶି କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ବିନିଯୋଗ କରିବେ । ଏହି କାର୍ଯକ୍ରମରେ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ସହ ଛାତ୍ରୀଙ୍କ ସହିତ ବ୍ୟାଡମିଣ୍ଟନ ଖେଳିଥିଲେ । ପରେ ମନ୍ତ୍ରୀ ଟୁକୁନି ସାହୁ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ଯଥା ବେହେରାଭଟା, ମହଗାଁ, କାଦୋଭଟା ଭଳି ଅନେକ ଗାଁରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯକ୍ରମରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଶେଷରେ ମନ୍ତ୍ରୀ ଟିଟିଲାଗଡ଼ ବ୍ଲକ ସୁରଡା ପଞ୍ଚାୟତର ନବନିର୍ମିତ କୋଠାକୁ ଉଦଘାଟନ କରିଥିଲେ ।

'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା

# ତୁରେକେଲା ବ୍ଲକରେ ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ

**ତୁରେକେଲା, ୪।୧୨ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକର ବିଭିନ୍ନ ଗାଁରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ବିକାଶମୂଳକ କାର୍ଯ୍ୟର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡି ନେତା ଅଜୟ ଦାସ ଯୋଗ ଦେଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଭୂମି ପୂଜନ କରିଥିଲେ । ମହୁଲପାଟି ଗାଁରେ ଏସ୍‌ଏଚଜି ସଭା ଗୃହ ପାଇଁ ୫ ଲକ୍ଷ ଟଙ୍କା, ଜଗନ୍ନାଥ ମନ୍ଦିର ପାଇଁ ୫ ଲକ୍ଷ ଓ ଗାଧୁଆ ତୁଠରେ ପାହାଚ ପାଇଁ ୨.୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ତୁରେକେଲା ବ୍ଲକ ମାଗୁରଜଙ୍ଗଲ ଗାଁରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଓ କମ୍ୟୁନିଟୀ ସେଣ୍ଟର ପାଇଁ ୪.୫୦ ଲକ୍ଷ ଟଙ୍କା, ବଡ଼ବାଙ୍କି ପଞ୍ଚାୟତ ସାନବାଙ୍କି ଗାଁ ଶିବ ମନ୍ଦିର, ଏସ୍‌ଏଚଜି ସଭା ଗୃହ ନିର୍ମାଣ ଓ ଗାଧୁଆ ତୁଠ ପାହଚ ନିର୍ମାଣ ଅନୁଦାନ ମଞ୍ଜୁର ହୋଇଛି । ସେଥିପାଇଁ ସମସ୍ତ ଗ୍ରାମବାସୀ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



# ଟେପ୍ରେନରେ ଉନ୍ନତିକରଣ କାମ ତଦାରଖ କଲେ ଡିଆରଡିଏ ପ୍ରତିନିଧି

**ଦେଓଗାଁ, ୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଟେପ୍ରେନ ଗାଁରେ ଥିବା ଧବଳେଶ୍ୱର କଟାର ମାଟି ଉନ୍ନତିକରଣ କାମ ଓ ବୁଡାବାହାଲ ଗାଁରୁ ଟେପ୍ରେନ ରାସ୍ତା ଉନ୍ନତିକରଣ କାମର ତଦାରଖ କରିଛନ୍ତି ଡିଆରଡିଏ ପ୍ରତିନିଧି ଦଳ ଗତ ମେ ମାସରୁ ରାସ୍ତା କାମ ସରିଥିବା ବେଳେ କାମକୁ ନେଇ ଅଭିଯୋଗ ପରେ ଧବଳେଶ୍ୱର କଟା ଉନ୍ନତିକରଣ କାମ ଅଧାରୁ ବନ୍ଦ ହୋଇପଡ଼ି ରହିଛି । ସୂଚନାନୁସାରେ ବ୍ଲକରୁ ପ୍ରାୟ ୧୦ଲକ୍ଷ ଟଙ୍କାରେ ଏହି କଟାର ଉନ୍ନତିକରଣ କାମ ଆରମ୍ଭ ହୋଇଥିଲା । ପରେ ସ୍ଥାନୀୟ ସମିତି ସଭ୍ୟ କାନ୍ତେଶ୍ୱର ପଧାନ ଓ ଅନ୍ୟମାନେ କାମରେ ଅନିୟମିତତା ହୋଇଥିବା ନେଇ ବିଡିଓ, ଜିଲ୍ଲା ପରିଷଦ ସିଇଓ ଓ ଜିଲ୍ଲାପାଳ ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ଫେରାଦ ହୋଇ ଅଭିଯୋଗ କରିଥିଲେ । ଏ ନେଇ ବିଧାୟକ ମିଶ୍ର ନଭେମ୍ବର ୭ ତାରିଖରେ ଜିଲ୍ଲା ପରିଷଦ ସିଡିଓଙ୍କୁ ଉକ୍ତ କାମର ତଦାରଖ କରି ବିହିତ ପଦକ୍ଷେପ ନେବାପାଇଁ ପତ୍ର ମାଧ୍ୟମରେ ଜଣାଇଥିଲେ । ସେ ଦିନଠାରୁ ଉକ୍ତ କାମର ବିଲ ହୋଇଥିଲେ ମଧ ବ୍ଲକ ପ୍ରଶାସନ ଟଙ୍କା ପଇଠ କରିନଥିଲା । ସୋମବାର ବଲାଙ୍ଗିର ଡିଆରଡିଏ ତରଫରୁ ଏକ ତିନିଜଣିଆ ପ୍ରତିନିଧିଦଳ ବ୍ଲକ ପ୍ରଶାସନ ସହ ମିଶି ଉକ୍ତ କାର୍ଯ୍ୟର ତଦାରଖ କରିଥିଲେ । ଡିଆରଡିଏ ର ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ, ଏପିଡି ତଥା ଏଷ୍ଟିମେଟର ତରଣୀ ସେନ ସୁନା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ, ସମ୍ପୃକ୍ତ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକ ପ୍ରମୁଖ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଭୟ କାମର ତଦାରଖ କରିବା ସହ ମାପ କରିଥିଲେ ।

## ତହସିଲଦାରଙ୍କୁ କୃଷକ ସଂଘର ଦାବିପତ୍ର

**ବଙ୍ଗୋମୁଣ୍ଡା, ୪।୧୨(ସମିସ):** ବଙ୍ଗୋମୁଣ୍ଡା ବ୍ଲକର ସମସ୍ତ ସମବାୟ ସମିତି ଲିଃରେ ଶୀଘ୍ର ଧାନ ବିକ୍ରୟ ବ୍ୟବସ୍ଥା କରିବା ପାଇଁ ବଙ୍ଗୋମୁଣ୍ଡା ତହସିଲଦାରଙ୍କୁ ବଙ୍ଗୋମୁଣ୍ଡା ବ୍ଲକ ଉତ୍କଳ କୃଷକ ସଂଘ ପକ୍ଷରୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଚାଷୀର ଅଖା ବସ୍ତାର ମୂଲ୍ୟ ଭରଣା କରିବା, ବେଆଇନ ଧାନ କିଣା ବନ୍ଦ କରିବା, ସରକାରୀ ନିୟମନୁସାରେ ଧାନକୁ କଟନିଛଟନି ବନ୍ଦ କରିବା । ୬କେଜି କଟନି ବଦଳରେ ଦୁଇ କେଜି କଟନି କରାଯିବାକୁ ଦାବି ହୋଇଛି । ସଂଘ ସଭାପତି ରଞ୍ଜନ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ହଂସ, ରବୀନ୍ଦ୍ର ପଣ୍ଡାଙ୍କ ସହ ଦିନେଓ ତାଣ୍ଡି, ଯୁବରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ କେଜିବିଭି ପରିଦର୍ଶନ

**ଖପ୍ରାଖୋଲ, ୪।୧୨(ସମିସ) :** ଓଡ଼ିଶା ସରକାରଙ୍କ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ମନ୍ଦାକିନୀ କର ସୋମବାର ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକର ସ୍ଥାନୀୟ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ପରିଦର୍ଶନ କରିଥିଲେ । ୧୦୦ ଶଯ୍ୟା ବିଶିଷ୍ଟ ଆଶ୍ରମରେ ଶିଶୁମାନେ ଖାଇବା, ପିଇବା, ଶୋଇବା ପାଇଁ କିପରି ସୁବିଧା ଅସୁବିଧା ହେଉଛି ସେ ବିଷୟରେ ଅନୁଧାନ କରିଥିଲେ । ଶୋଇବା ପାଇଁ ବେଡ଼ର ସୁବିଧା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଫିଲଟର ପାଣି ପିଇବା ଆଉ ମଶାଠାରୁ ସୁରକ୍ଷା ପାଇବା ସେ ବିଷୟରେ ବୁଝାଇଥିଲେ । ଶିଶୁମାନଙ୍କୁ ସଫାସୁତୁରା ରହିବାକୁ ନିର୍ଦ୍ଦେଶ ଦେଇ ଆଶ୍ରମର ସମସ୍ତ କୋଠରୀ ବୁଲି ଦେଖିଥିଲେ । ଶ୍ରୀମତୀ କରଙ୍କ ସହିତ ଡିଇଓ ଧ୍ରୁବଚରଣ ବେହେରା, ଜେଣ୍ଡର କୋର୍ଡ଼ିନେଟର ମଧୁମିତା ଦାସ, ଏମଆଇଏସ ପ୍ରୋଗ୍ରାମର ଦିବେଶ ମିଶ୍ର, ଏବିଇଓ ମିନକେତନ ବରିହା, ଚାଇଲଡ ପ୍ରୋଟେକ୍ସନ ଅଫିସର ଚୂଡାମଣୀ ପାଣ୍ଡେ, ଖପ୍ରାଖୋଲ କେଜିବିଭି ହଷ୍ଟେଲ ଇନଚାର୍ଜ ବାସନ୍ତି ଛୁରା, ୱାର୍ଡେନ୍ ଅନିତା ମହାପାତ୍ର, ଶିକ୍ଷୟତ୍ରୀ ରିତା ବେହେରା, ଶିକ୍ଷୟତ୍ରୀ ରୀତା ସାହୁ, ହେଡକୁକ୍ ଶ୍ରଦ୍ଧାଞ୍ଜଳୀ ଭୋଇ, ରାଜ କୁମାରୀ ବରିହା, ଗୀତାଞ୍ଜଳି ବାଗ, ନୀଳମାଧବ ସାହୁ, ତେଜସ୍ୱିନୀ ବନଛୋର ଉପସ୍ଥିତ ଥିଲେ ।

# ମଣ୍ଡିରୁ ଧାନ ଉଠାଣକୁ ନେଇ ଧାରଣା

**ନୂଆପଡ଼ା,୪।୧୨(ସମିସ):** ନୂଆପଡ଼ା ଜିଲ୍ଲାରେ ମଣ୍ଡି ଆରମ୍ଭ ହେବା ଠାରୁ ଆଜି ପାର୍ଯ୍ୟନ୍ତ ମଣ୍ଡିରୁ ଚାଷୀଙ୍କ ଧାନ ପଡିରହିଥିବା ବେଳେ ଜିଲ୍ଲା ଯୋଗାଣ ବିଭାଗର ଅବହେଳା ଯୋଗୁଁ ଜିଲ୍ଲାରେ ସଂପୂର୍ଣ୍ଣ ଭାବେ ଧାନ କିଣାରେ ଅଚଳାବସ୍ଥା ରହିଛି ବୋଲି ଅଭିଯୋଗ ଆଣି ଅସନ୍ତୋଷ ଚାଷୀମାନେ ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ନାରାବାଜି ଦେଇଥିଲେ । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଭିତରକୁ ଧସେଇ ପଶିବା ସହ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବରଙ୍କ ସହ ଆଲୋଚନା କରିଥିଲେ । ମଣ୍ଡିରୁ ଧାନ ନଉଠିବା ପାର୍ଯ୍ୟନ୍ତ ଚାଷୀମାନେ ଜିଲ୍ଲାପାଳ ସଭାଗୃହରେ ଧାରଣାରେ ବସି ରହିବେ ବୋଲି ଅଡି ବସିଥିଲେ । ପରେ ଚାଷୀଙ୍କ ଧାରଣାସ୍ଥଳକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର, ନୂଆପଡ଼ା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ଅତିରିକ୍ତ ଯୋଗାଣ ଅଧିକାରୀ ଥଣ୍ଡୁରାମ ନାଏକ, ଅତିରିକ୍ତ ଏସପି ଇନ୍ଦ୍ରମଣି ବେହେରା, ଏଆରସିଏସ ସଂପାଦକ ଆଲୋଚନା କରିଥିଲେ । ଚାଷୀଙ୍କ ଅଭିଯୋଗରେ ମଣ୍ଡିରେ ମିଲର୍ସମାନେ ପାକ୍ସ କର୍ମଚାରୀଙ୍କ ସହ ୨ରୁ ୩ କିଜି କଟନୀଛଟନୀ କରିବାକୁ ବାଧ କରୁଛନ୍ତି । ସେପରି ଚାଷୀମାନେ ଟୋକନ ପାଇଁ ମଣ୍ଡିକୁ ଧାନ ଆଣିଥବିବାରୁ ଧାନ ଏଫଏକ୍ୟୁ ବୋଲି ମିଲର୍ସ ଧାନ ଉଠାଣ କରୁନାହିଁ । ଜିଲ୍ଲା ବାହାର ମିଲର୍ସଙ୍କୁ ଦାୟତ୍ୱ ଦିଆଯାଉ । ଯାହାଫଳରେ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଥିବା ବେଳେ ଆଗକୁ ବର୍ଷା ଆସୁଥିବାରୁ ଚାଷୀ ମାନଙ୍କ ଚିନ୍ତା ପଡିଯାଇଛି । ୨ ଘଣ୍ଟା ପରେ ଜିଲ୍ଲାପ୍ରଶାସନଠାରୁ କୌଣସି ପ୍ରତିଶ୍ରୁତି ନମିଳିବାରୁ ଚାଷୀ ମାନଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା । ପରେ ଚାଷୀମାନେ ଜିଲ୍ଲାପାଳ ଅଫିସ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ । ଅପରାହ୍ନ ୪ଟାରେ ଏକ ଚାଷୀ ପ୍ରତିନିଧି ଚାଷୀନେତା ଭରତଲାଲ ରାଉତ, କମେଲେଶ ଦୀକ୍ଷିତ, ମନୋଜ ସାହୁ, ଗୋବର୍ଦ୍ଧନ ସାହୁ, ଦେବୀପ୍ରସାଦ ମିଶ୍ର ପୁଣି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ । ମଣ୍ଡିରେ ପଡିଥିବା ଚାଷୀ ମାନଙ୍କ ଧାନ ଶୀଘ୍ର ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଚାଷୀମାନେ ଧାନ ମଣ୍ଡିରୁ ନଉଠିବା ପାର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି । ଧନିରାମ ସାହୁ, ନିଳକମଳ ଚନ୍ଦ୍ରକାର, ଦିଲିପ ନିର୍ମଳକର, ସହ ବହୁ ଚାଷୀ ଉପସ୍ଥିତ ଥିଲେ ।

# ଜରାସିଂହା ଓ କୁତୁର୍ଲା କଲେଜରେ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଦେଓଗାଁ, ୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତଦୁଇ ଓ କୁତୁର୍ଲା ଧୃବାନନ୍ଦ ଯୁକ୍ତଦୁଇ କଲେଜରେ ସୋମବାର ନବୀନ ଓଡ଼ିଶା ନୂଆଁ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପ୍ରଥମେ କଲେଜର ସମସ୍ତ ଛାତ୍ରଛାତ୍ରୀ ସ୍ଥାନୀୟ ପାଟଖଣ୍ଡା ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି କଲେଜରେ ପହଞ୍ଚିଥିଲେ । ପରେ ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇ ଶୃଙ୍ଖଳାର ମହତ୍ତ୍ୱକୁ ଉପଲବ୍ଧି କରିବା ପାଇଁ ଉତ୍ସାହିତ କରିଥିଲେ । କଲେଜର ଅଧକ୍ଷ ବସନ୍ତ କୁମାର ମନହୀରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଗୋବିନ୍ଦ ମେହେର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ପ୍ରାଧ୍ୟାପକ ଧୋବେଇ ଚରଣ ପଟେଲ ଯୋଗ ଦେଇଥିଲେ । ପ୍ରାଧ୍ୟାପକ ଦୂର୍ବାଦଳ ଘିବେଲା ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ଶାଶ୍ୱତ ଡିଗ୍ରୀ କଲେଜରେ ଚତୁର୍ଥ ଦିବସରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ ତଥା ପାରମ୍ପରିକ କଷ୍ଟ୍ୟୁମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ପୁରୁଷୋତ୍ତମ ମେହେର ସଭାପତିତ୍ୱ କରିଥିବା ବେଳେ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ । ବିଚାରକ ଭାବେ ଡ. ସୁଧାଂଶୁ ଭୂଷଣ ମେହେର ଯୋଗ ଦେଇଥିଲେ । ସେହିପରି କୁତୁର୍ଲା ଧୃବାନନ୍ଦ କଲେଜରେ ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷ ଶ୍ରୀ ଖମାରୀ ଯୋଗ ଦେଇଥିଲେ ସମ୍ମାନିତ ଭାବେ କସରତ ହରପାଲ, ବିଜୟ କୁମାର ଜାଲ, ହେମନ୍ତ କୁମାର ସାହୁ, ମଙ୍ଗଳ ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ନୋଡାଲ ଅଧିକାରୀ ବଳରାମ ପଧାନ ସଂଯୋଜନା କରିଥିଲେ । ଏହି ଦିନ କ୍ରୀଡା ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ, ଶୁଶିଲ କୁମାର ପଧାନ ତଥା ପୂର୍ବତନ ଛାତ୍ର ମନୋଜ କୁମାର ସାହୁ ସହଯୋଗ କରୁଛନ୍ତି ।




ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ

# ଓଡ଼ିଶାର ବହୁ ବରିଷ୍ଠ ଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶିତ

ସୋନପୁର, ୪।୧୨(ସମିସ)

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୁରୁଣା ଟାଉନ ହଲ ଠାରେ ଏକ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇଛି । ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହିତ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ଚିତ୍ରକଳା ଏଠାରେ ସ୍ଥାନିତ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଓଡିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଏକାଡେମୀ ସଦସ୍ୟ ଶ୍ୟାମସୁନ୍ଦର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତାନାମା ଚିତ୍ର ଶିଳ୍ପୀ ବସନ୍ତ ପଣ୍ଡା, ବିମ୍ବାଧର ବର୍ମା, ଶିବ ପାଣିଗ୍ରାହୀ, ଅନନ୍ତି ପଣ୍ଡା, ଯତୀନ ଦାସ, ବଳଦେବ ମହରଥା, ଅରୁଣ ଜେନା, ମୁକ୍ତିପଦ ନନ୍ଦୀ ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ମୋଟ ୪୦ଟି ଅନନ୍ୟ ଚିତ୍ରକଳା ସ୍ଥାନ ପାଇଛି । ଏହି ଅବସରରେ ଜିଲ୍ଲାର ବରିଷ୍ଠ ଶିଳ୍ପୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଉକ୍ତ ପ୍ରଦର୍ଶନୀ ୬ ଡିସେମ୍ବର ପର୍ଯ୍ୟନ୍ତ ୧୧ଟାରୁ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ । ସ୍ଥାନୀୟ କଳାକାର, ଜନସାଧାରଣ ଓ ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ଚିତ୍ରକଳା ପ୍ରଦର୍ଶନୀକୁ ଉପଭୋଗ କରିଥିଲେ ।

